ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୭୭
୧୩ ଫେବୃଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 277
13th February, 2026 Friday
Kendrapara

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

କୃତ ଆଗତ୍ୟ ଘଟତେ ବିଘଟ୍ୟ କ୍ୱନୁ ଯାତିତ ।
ନ ଲକ୍ଷ୍ୟତେ ଗତିଶ୍ଚିତ୍ରା ଘନସ୍ୟ ଚ ଧନସ୍ୟ ଚ ।

ମେଘ ଏବଂ ଧନର ଗତି ବିଚିତ୍ର । ଏହା ଦେଖାଯାଏ ନାହିଁ । କେଉଁଠାରୁ ଆସି ମିଳିତ ହୁଏ ଏବଂ ବିଭକ୍ତ ହୋଇ କେଉଁଆଡ଼େ ଚାଲିଯାଏ !

## ଶ୍ରମିକ ସଂଗଠନର ଭାରତ ବନ୍ଦ ଡାକରାର ଓଡ଼ିଶାରେ ପ୍ରଭାବ

# ଗଡ଼ିଲାନି ଗାଡି: ଖୋଲିଲାନି ଦୋକାନ ବଜାର





**ଭୁବନେଶ୍ୱର/କଟକ ୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେଉଁଠି ଗାଡ଼ି ଅଟକାଇଲେ ତ କେଉଁଠି ବରକୁ ବାହା ହେବାକୁ ଯିବାକୁ ଦେଲେନି। ଅଖ ବନ୍ଦ ଚକ ବନ୍ଦ। ଟ୍ରେଡ ୟୁନିୟନର ଆଜି ଥିଲା ଭାରତ ବନ୍ଦ। ଏଥିପାଇଁ ବଳି ପଡ଼ିଲା ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା।

ସକାଳୁ ସକାଳୁ ରାସ୍ତାକୁ ଓହ୍ଲାଇଥିଲେ ବିଭିନ୍ନ ଶ୍ରମିକ ସଂଗଠନର ସଦସ୍ୟ। ନୂଆ ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ଛକ ଛକରେ ବିକ୍ଷୋଭ କରିଥିଲେ। ଜାତୀୟ ରାଜପଥ ଉପରେ ବସି ରାସ୍ତା ଅବରୋଧ କରିଥିଲେ। ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାକୁ ଛାଡିଦେଲେ ଆଉ କାହାକୁ ଛାଡିନଥିଲେ। ବିକ୍ଷୋଭକାରୀମାନେ ବିଭିନ୍ନ ସ୍ଥାନରେ ରେଳ ରୋକ୍ କରିଥିଲେ। ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ଏକାଠି ହୋଇ କେନ୍ଦ୍ର ସରକାର ବିରୋଧରେ ଦେଇଥିଲେ ନାରାବାଜି।

ଶ୍ରମିକ ସଂଗଠନ ସହ ମିଶି ରାଜ୍ୟର ବିଭିନ୍ନ ସ୍ଥାନରେ ଧର୍ମଘଟରେ ସାମିଲ ହୋଇଥିଲେ ପାଚିକା ସଂଘର କର୍ମକର୍ତ୍ତା। ବହୁ ସଂଖ୍ୟାରେ ମହିଳା ସାଂଗରେ ପିଲାଛୁଆ ଧରି ଆସି ବନ୍ଦରେ ସାମିଲ ଦେଇଥିଲେ। ଶ୍ରମିକ ସଂଗଠନର ବିକ୍ଷୋଭକୁ ସିଧାସଳଖ ସମର୍ଥନ କରିନଥିଲେ ବି ଗଡି ନଥିଲା କୌଣସି ଘରୋଇ ଗାଡି। ଧର୍ମଘଟର ପ୍ରଭାବରେ ପୂରା ଠପ୍ ହୋଇଥିଲା ଯାତାୟତ। ବସଷ୍ଟାଣ୍ଡ ଗୁଡିକରେ ଧାଡିଧାଡି ହୋଇ ଛିଡା ହୋଇଥିଲା ବସ୍। ଶୂନ ଶାନ ରହିଥିଲା ରାସ୍ତାଘାଟ। ଅଧିକାଂଶ ଲୋକ ସ୍ୱତଃପ୍ରବୃତ ଭାବେ ବାହାରକୁ ବାହାରିନଥିଲେ। ଦୋକାନ, ବଜାର ବି ବନ୍ଦ ରହିଥିଲା। ବହୁ ସ୍ଥାନରେ ବ୍ୟାଙ୍କ, ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି।

ଆଜିର ଏହି ବନ୍ଦ ବେଳେ ବର ଫସିଗଲା ଜୟଦେବ ବିହାରରେ। ଯାହାଫଳରେ ଜୟଦେବ ବିହାରରେ କିଛି ସମୟ ପାଇଁ ଦେଖାଦେଇଥିଲା ଉତ୍ତେଜନା। ବାଲେଶ୍ୱର ସୋରରୁ ଖୋର୍ଦ୍ଧାକୁ ବିବାହ କରିବାକୁ ଆସିଥିଲେ ଅବଦୁଲ ଫାଇମ୍ ଖାନ୍। ହେଲେ ଜୟଦେବ ବିହାର ଛକରେ ବିକ୍ଷୋଭକାରୀ ଅଟକାଇଥିଲେ। ବେଶ୍ କିଛି ସମୟ ଯାଏଁ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପରେ କିଛି ସମୟ ପରେ ବର ଓ ବରଯାତ୍ରୀକୁ ଆନ୍ଦୋଳନକାରୀମାନେ ରାସ୍ତା ଛାଡ଼ିଥିଲେ। ସେହିପରି ଆଜି ୨୧୧ ପରୀକ୍ଷା ହବକୁ ଯିବାର ଥିଲା ଯୁକ୍ତ ଦୁଇ ପ୍ରଶ୍ନପତ୍ର । ହେଲେ ରାସ୍ତାରେ ଅଟକ ଆଶଂକାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏହାକୁ ପଠାଇ ନାହିଁ। କାଳେ ବନ୍ଦର ତୀବ୍ର ପ୍ରଭାବ ଯୋଗୁଁ ଗାଡ଼ି ଭଙ୍ଗାରୁଜା ହୋଇ ପ୍ରଶ୍ନପତ୍ର ପ୍ୟାକେଟର ସିଲ ଖୋଲିଯିବ, ସେ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିବହନ ଅଟକାଇଦେଇଛି। ଆଜି ବଦଳରେ ଆସନ୍ତାକାଲିଠାରୁ ହବକୁ ଯିବ ଯୁକ୍ତ ଦୁଇ ପ୍ରଶ୍ନପତ୍ର । ୨୭ଟି ଟ୍ରକ ୨୭ଟି ରୁଟ ଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରୁ ବାହାରିବ ।

ଆଜି ଥିଲା ସର୍ବଭାରତୀୟ ୧୨ଘଣ୍ଟିଆ ଭାରତ ବନ୍ଦ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା । କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ୧୦ଟି ଶ୍ରମିକ ଓ ସ୍ୱାଧୀନ ଫେଡ଼େରେସନ ପକ୍ଷରୁ ଏହି ଧର୍ମଗତ ଡାକରା ଦିଆଯାଇଥିଲା । କଂଗ୍ରେସ ଓ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଏହି ବନ୍ଦକୁ ସମର୍ଥନ ଦିଆଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା ଆଜି। ଏହି ଧର୍ମଘଟ ଭୁବନେଶ୍ୱରରେ ସଂପୂର୍ଣ୍ଣ ଭାବରେ ପ୍ରଭାବ ପଡିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍ଏମଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ୟୁଟିୟୁସିୟୁ, ଏଲପିଏଫ, ସେଓ୍ୱା ଓ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ରସରକାରୀ କର୍ମଚାରୀ ମାନଙ୍କର ସ୍ୱାଧୀନ ସଂଗଠନ ପକ୍ଷରୁ କୁହାଯାଇଛି। *(ଶେଷ ପୃଷ୍ଠା ଦେଖନ୍ତୁ)*

## ବନ୍ଦ ବେଳେ ମାଡ଼ିଗଲା ପୁଲିସ ଗାଡ଼ି
### ଅଳ୍ପକେ ବର୍ତ୍ତିଗଲେ ଆନ୍ଦୋଳନକାରୀ



**ରାୟଗଡା,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ସହର ଉପକଣ୍ଠ ସ୍ଥିତ ସିରିଗୁଡା ଛକରେ ଶ୍ରମିକ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଥିବା ବେଳେ ସେହି ରାସ୍ତାରେ ଅଟକି ଥିବା ପୁଲିସ ଗାଡିର ବ୍ରେକ ଫେଲ ହୋଇ ଯାଇ ଆନ୍ଦୋଳନକାରୀଙ୍କ ଉପରକୁ ମାଡି ଯାଇଥିଲା। ସୌଭାଗ୍ୟବଶତଃ ଏହି ଅଘଟଣରେ କାହାର କିଛି କ୍ଷତି ହୋଇନଥିବା ବେଳେ ଆନ୍ଦୋଳନ କରୁଥିବା ବିଭିନ୍ନ ସଂଗଠନର ନେତାଙ୍କ ପାଇଁ ରଖା ଯାଇଥିବା ଚେୟାର ଉପରକୁ ଗାଡି ମାଡି ଯାଇଥିଲା। ଫଳରେ ବହୁ ଚେୟାର ନଷ୍ଟ ହୋଇ ଯାଇଥିଲା। ବ୍ରେକ ଫେଲ ଘଟଣାକୁ ଶ୍ରମିକମାନଙ୍କ ବିରୋଧରେ ବିଜେପି ସରକାରଙ୍କ ଷଡଯନ୍ତ୍ର ବୋଲି ଶ୍ରମିକ ନେତା ଭବାନୀ ଶଙ୍କର ଜେନା ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜନା ପରେ ରାୟଗଡା ଏସଡିପିଓ ଗୌରହରୀ ସାହୁ, ଆଇଆଇସି ପ୍ରସନ୍ନ ବେହେରା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବସଟି ବ୍ରେକ୍ ଫେଲ୍ ହୋଇ ମାଡି ଯାଉଥିବା ବେଳେ ସେଠାରେ ଆନ୍ଦୋଳନକାରୀଙ୍କ ସହିତ ପୁଲିସ୍ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ବସରେ ୩୮ ଜଣ ପୁଲିସ କର୍ମଚାରୀ ବସିଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ନିମନ୍ତେ ସେମାନେ ରାୟଗଡାରୁ ନବରଙ୍ଗପୁର ଯାଉଥିଲେ।

ସୂଚନାଯୋଗ୍ୟ, ଆଜି ଭାରତ ବନ୍ଦ ଯୋଗୁ ରାୟଗଡା ସହରର ଶିରିଗୁଡା ଛକରେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ହାଇକୋର୍ଟଙ୍କ ନିର୍ଦ୍ଦେଶ
# ୩ ମାସରେ ଗଣତି ମଣତି ସାର

**କଟକ,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପ୍ରସଙ୍ଗରେ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ବିଧାନସଭା ଅଧିବେଶନରେ ରିପୋର୍ଟ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ଉପସ୍ଥାପନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗରେ ମଧ୍ୟ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୩ ମାସ ମଧ୍ୟରେ ଗଣତି ମଣତି କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ୨୦୧୮ ମସିହାରେ ଚାବି ହଜିଥିବା ବେଳେ ଜଗନ୍ନାଥପ୍ରେମୀଙ୍କ ମନକୁ ଗଭୀର ଆଘାତ ଦେଇଥିଲା । ତଦନ୍ତ ନେଇ ଏକ କମିଶନ ମଧ୍ୟ ଗଠନ କରାଯାଇଥିଲା । ପରବର୍ତ୍ତି ସମୟରେ ରତ୍ନଭଣ୍ଡାରରେ ପାଣି ଜମିବା ପ୍ରସଙ୍ଗ ଉଠିଥିଲା । ତେବେ ଏହି ପ୍ରସଙ୍ଗରେ ହାଇକୋର୍ଟ ଅନେକ ବାର ନିର୍ଦ୍ଦେଶ ଦେଇଥିଲେ । ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟ ଶେଷ ହେବା ପରେ ଗଣତିମଣତି ସାରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଦଲାଲ ହେବେ ସାବାଡ଼୍: ପଟ୍ଟାରେ ଲାଗିବ କୋଡ୍

**ଭୁବନେଶ୍ୱର,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

କମିବ ଜମି କିଣାବିକା ଠକେଇ । ମାଲିକାନାରେ ଆସିବ ସ୍ୱଚ୍ଛତା । ଏଣିକି ଜମି ପଟ୍ଟାରେ ରହିବ ଇଲୋକ୍ଟ୍ରୋନିକ୍ ଯୁକ୍ତ କ୍ୟୁଆର କୋଡ୍ । ସ୍କାନ୍ କଲେ ବାହାରିବ ଜମି ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ । ଜାଲିଆତି କଲେ ତହସିଲଦାର ଏବଂ ଆରଆଇଙ୍କ ପାଖକୁ ସିଧା ମେସେଜ୍ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ନୂଆ ଜମି ପଟ୍ଟା ଆସିବ । ଜମି ପଟାରେ ଇଲୋକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର କୋର୍ଡ ରହିବ । ପଟ୍ଟାରେ ଥିବା କ୍ୟୁଆର କୋଡ୍‌ରେ ସ୍କାନ କଲେ ସମ୍ପୂର୍ଣ୍ଣ ତଥ୍ୟ ବାହାରିବ । ଠକମାନେ ଲୋକଙ୍କୁ ଭୁଡାଇ ଜମି କିଣା ବିକା କରିପାରିବେନି । *(ଶେଷ ପୃଷ୍ଠା ଦେଖନ୍ତୁ)*


# ସୂଚନା ବିଭାଗରେ ଟେଣ୍ଡର ମାଫିଆଙ୍କ ଚେର !

**ଚୌଦ୍ୱାର/ଭୁବନେଶ୍ୱର ୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଏବେ ଟେଣ୍ଡର ମାଫିଆ ପୁଣି ସକ୍ରିୟ । ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟରତ କିଛି କର୍ମଚାରୀ ଏହି ଫିକ୍ସିଂ କାରବାରରେ ସଂପୃକ୍ତ ଥିବା ଚର୍ଚ୍ଚା ହେଉଛି । ବାସ୍ତବରେ ମାତ୍ର କେଇଶହ କପି ଛାପି କାଗଜପତ୍ରରେ ବଡ଼ ବୋଲାଉଥିବା କିଛି ସଂସ୍ଥା ଏହି କାରବାରରେ ସାମିଲ ଥିବା ଖବର ମିଳିଛି ।

ରେଶମୀ କୌଶଳ ସ୍ୱରୂପ ବିଭିନ୍ନ ସଂସ୍ଥାର ଟେଣ୍ଡର ଓ କୋଟେସନ ସଂକ୍ରାନ୍ତ ବିଜ୍ଞପ୍ତି ନିର୍ଦ୍ଦିଷ୍ଟ କାଗଜକୁ ଜାରି କରାଯାଉଛି, ସେ ବିଜ୍ଞପ୍ତି କିନ୍ତୁ ଲୋକେ ଦେଖିପାରୁନାହାନ୍ତି । ଏମିତି ଏକ ଘଟଣା ନଜରକୁ ଆସିଛି ଚୌଦ୍ୱାର ପୌର ସଂସ୍ଥାର ଏକ କୋଟେସନ ବିଜ୍ଞପ୍ତିକୁ ନେଇ । ଏହି ବିଜ୍ଞାପନଟି ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ପ୍ରକାଶ ପାଇଁ ଦିଆଗଲା । କାମଟି ହେଉଛି ଚୌଦ୍ୱାର କଲେଜରେ ବ୍ୟାଡ୍‌ମିଣ୍ଟନ କୋର୍ଟ ପ୍ରତିଷ୍ଠା । ଯେହେତୁ ଏହି ବିଜ୍ଞପ୍ତି ଲୋକେ ଜାଣିଲେ ସ୍ୱଚ୍ଛତା ରକ୍ଷା

### ମୁଖ୍ୟମନ୍ତ୍ରୀ ଖୋଳତାଡ଼ କରିବେ କି ?


ଚୌଦ୍ୱାର ପୌରପରିଷଦ କାର୍ଯ୍ୟାଳୟ, ଚୌଦ୍ୱାର
OFFICE OF THE MUNICIPAL COUNCIL, CHOUDWAR
Govt. of Odisha (H&U.D Deptt) CUTTACK (ODISHA) PIN-754071
Phone No- 0671-2394272(O) e-mail: choudwarmunicipality@gmail.com

No. Dev/ 1790 Date 04 / 02 /2026

**Quotation Call Notice**

Sealed quotations are invited from the intending Authorized Firms/ Suppliers & Agencies having up to date GST Registration copy, PAN card copy and valid registration copy for supplying fitting and Installation of Badminton Court at Choudwar College in Ward No 17 of Choudwar Municipality as per the description as follows.

| Sl No | Description |
| --- | --- |
| 1 | Installation of Badminton Court Size (25' x 50') |

The prescribed quotation schedule can be obtained from the office of the Choudwar Municipality, Choudwar during office hours on all working days from dt.06.02.2026 to dt.18.02.2026 within 1.00 PM on payment of Rs.6000/- (Rupees Six Thousand) only in the shape of cash from office of the Executive Officer Choudwar Municipality towards the paper cost which is non-refundable. The Quotation paper will be received upto 1.00 PM by this office within dt.18.02.2026 through Regd post/Speed post or in person and the same will be opened on the same date at 3.00 PM in the office of Choudwar Municipality in the presence of the quotationer or their authorised representative who wishes to remain present. The quotation delay in postal delivery after due date and time will not be taken into consideration.

The authority reserves the right to reject any or all quotations without assigning any reason thereof.

Executive Officer
Choudwar Municipality
OIPR-13001/74/2526

ସାଙ୍ଗକୁ ପୌର ସଂସ୍ଥା ପାରଦର୍ଶୀ ଭାବେ ଏହାର କାର୍ଯ୍ୟାନ୍ୱୟନ କରିପାରିବ ତେଣୁ ଅସ୍ୱଚ୍ଛ ରାସ୍ତାକୁ ଫିକ୍ସିଂ ର୍ୟାକେଟ୍ ଆପଣେଇଥିବା ଚର୍ଚ୍ଚା ହେଉଛି ।

ତଥାକଥିତ ବଡ଼ କାଗଜକୁ ଏହି କୋଟେସନ ବିଜ୍ଞାପନଟି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆଗଲା । କିନ୍ତୁ ଏହି ବିଜ୍ଞାପନ ମୂଳ ସଂସ୍କରଣରେ ପ୍ରକାଶ ପାଇଲା ନାହିଁ । ବିଜ୍ଞାପନ ବିଲ୍ ଓ କାଗଜପତ୍ରର ନିୟମିତିକରଣ ପାଇଁ ଅଳ୍ପ କେଇଖଣ୍ଡ କପି ଛପାଗଲା ଡାକ୍ ସଂସ୍କରଣ ନାଁରେ ଯାହାକୁ ଚୌଦ୍ୱାର କ'ଣ ଉପକୂଳର କୌଣସି ଲୋକ ଦେଖିପାରିବେ ନାହିଁ । ଏଥିରେ ସଂସ୍ଥାର ଡବଲ ଫାଇଦା, କର୍ମଚାରୀଙ୍କର ଫାଇଦା ଏବଂ ଠିକାଦାରଙ୍କର ବି ଫାଇଦା । ଇଏ ହେଲା ଭାତହାଣ୍ଡିରୁ ଗୋଟିଏ ସଦ୍ୟ ଉଦାହରଣ । ଏମିତି ଅନେକ ଟେଣ୍ଡର / କୋଟେସନ ବିଜ୍ଞପ୍ତି ଆସୁଛି, ଠିକାଦାରମାନେ ବିଜ୍ଞାପନ ସୂଚନା ଓ ଲୋକସମ୍ପର୍କ ବିଭାଗରୁ ଜାରି ହେଲା ମାତ୍ରେ ସଂପୃକ୍ତ ଜାଲିଆ ଖବରକାଗଜ ସଂସ୍ଥାକୁ ଧରି ଲୋକେ ଯେମିତି ସେ ଟେଣ୍ଡର ବା କୋଟେସନ ବିଜ୍ଞପ୍ତି ଦେଖିନପାରିବେ ତା'ର ସୁବନ୍ଦୋବସ୍ତ କରୁଛନ୍ତି । ମୋଟା ଅଙ୍କର କାରବାର ପରେ ଏଥିରେ ସଫଳ ହେଉଛନ୍ତି ସେମାନେ । ମୁଖ୍ୟମନ୍ତ୍ରୀ ଏ ଘଟଣା ସମ୍ପର୍କରେ ଖୋଳତାଡ଼ କଲେ ଅନେକ ରହସ୍ୟ ପଦାକୁ ଆସିବ ବୋଲି କୁହାଯାଉଛି ।

ସୂଚନାଯୋଗ୍ୟ ଯେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନଥାଇ ମଧ୍ୟ ବିଭାଗୀୟ କିଛି ଅସାଧୁ କର୍ମଚାରୀ ଲୁଚଛପାରେ କେତେକ ବିଜ୍ଞାପନ ଜାରି କଲେ, ଯାହାକୁ ଲୋକେ ଦେଖିବାକୁ ପାଇଲେ ନାହିଁ କିନ୍ତୁ ପିଛିଲା ତାରିଖରେ କେଇଖଣ୍ଡ କପି ଛାପି ବେଶ୍ ମୁନାଫା କମାଇଲେ କେତେକ । ଏଥିନେଇ ଖୋଳତାଡ଼ ଚାଲିଥିବା ଖବରକୁ ନେଇ ଚର୍ଚ୍ଚା ସରିନି, ସେପଟେ ଟେଣ୍ଡର କୋଟେସନ ଫିକ୍ସିଂ ଖବର ଆଉ ଏକ ବିବାଦ ଠିଆ କରିଛି ।

## ବେଧଡକ ଚାଲିଛି ଇଟାଭାଟି

**ରାଜନଗର,୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାୟୁ ପ୍ରଦୂଷଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ସୂର୍ଯ୍ୟଙ୍କ ରୌଦ୍ର ତାପ ବୃଦ୍ଧି ପାଇବା ଆରମ୍ଭ ହେଲାଣି । କୋଇଲା ଧୂଆଁ ସ୍ଥାନୀୟ ଅଂଚଳର ପରିବେଶକୁ ପ୍ରଦୂଷିତ କରୁଥିବାରୁ ଲୋକମାନେ ବହୁ ମାରାତ୍ମକ ରୋଗର ଶିକାର ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାଜନଗର ବ୍ଲକ ରାଜପୁର ପଚାଂୟତ ବାଲିଚନ୍ଦ୍ରପୁର, ଚନ୍ଦନପୁର, ରାଜପୁର ଓ ବନ୍ଧପଡା ପଚାଂୟତ ସନ୍ଥପଡା, ଗୋବିନ୍ଦପୁର, ଟାଙ୍ଗଣଟେଁଳା ଓ ଦାଣ୍ଡି ଗାଁ ନିକଟରେ ଶହଶହ ସଂଖ୍ୟାରେ ଗଢି ଉଠିଛି ବେଆଇନ ଇଟାଭାଟି । ଇଟା ବେପାରୀମାନେ ପ୍ରତିବର୍ଷ ଏହି ସମୟରେ ଇଟା ନିର୍ମାଣ କରି ବେଆଇନ ଭାବେ ଇଟାଭାଟି ପୋଡୁଥିବାର ଦୃଶ୍ୟ ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । କୋଇଲା ଧୂଆଁରେ ସ୍ଥାନୀୟ ଅଂଚଳ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସ୍କୁଲରେ ମଦ ପିଇ ମାତାଲ ଛାତ୍ର
### ଚେତାଶୂନ୍ୟ ହେଲେ ସପ୍ତମ ଶ୍ରେଣୀର ଦୁଇ ଛାତ୍ର

**ଦଶପଲ୍ଲା,୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁ ବୟସରେ ଭବିଷ୍ୟତର ସ୍ୱପ୍ନରେ ଡେଣା ଲାଗିବା କଥା, ସେହି ବୟସରେ ନିଶା କବଳରେ ଛାତ୍ର । ବହି ବସ୍ତାନି ଧରି ପାଠ ପଢ଼ିବାକୁ ଆସିବା ବଦଳରେ ମଦ ପିଇ ସ୍କୁଲ ଆସିଛନ୍ତି ସପ୍ତମ ଶ୍ରେଣୀ ପିଲା । କିଛିଦିନ ତଳେ କନ୍ଧମାଳ ଜିଲ୍ଲା ଟିକାବାଲିରେ ଦୁଇଜଣ ନବମ ଶ୍ରେଣୀର ଛାତ୍ର ମଦ ପିଇ ବଜାରରେ ଅଚେତ ହୋଇ ପଡ଼ିଥିବା ଖବର ପ୍ରକାଶ ପାଇଥିଲା । ଏବେ ସେମିତି ଆଉ ଏକ ବିଦ୍ୟାଳୟର ଘଟଣା ସାମ୍ନାକୁ ଆସିଛି । ନୟାଗଡ ଜିଲ୍ଲା ଦଶପଲ୍ଲା ଏନସି ଅନ୍ତର୍ଗତ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଦୁଇ ଛାତ୍ର ମଦ୍ୟପାନ କରି ଆସିଥିବା ବେଳେ ଚେତାଶୂନ୍ୟ ହୋଇପଡିଛନ୍ତି ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଭାବକମାନଙ୍କୁ ଡାକିବା ସହ ଦୁଇ ଛାତ୍ରଙ୍କୁ ବିଦ୍ୟାଳୟରୁ ବାହାର କରିଛନ୍ତି । ପରିବାର ଲୋକ ଆସିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି । ସେପଟେ ନିଶାସକ୍ତ ଛାତ୍ରଙ୍କ ମା ଅଭିଯୋଗ କରିଛନ୍ତି ପୁଅ ଘରୁ ମଦ ପିଇକି ଆସିନାହିଁ, ବିଦ୍ୟାଳୟରେ କିଛି ପିଲାଙ୍କ ସହିତ ମିଶି ମଦ୍ୟପାନ କରିଛି । ତେବେ ପ୍ରଧାନଶିକ୍ଷକ ଏହାକୁ ଖଣ୍ଡନ କରିଛନ୍ତି । ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ କହିଛନ୍ତି ସେସବୁ ପିଲା ଘରୁ ମଦ ପିଇକି ଆସିଛନ୍ତି । ବିଦ୍ୟାଳୟରେ ଜଣାପଡିବା ପରେ ସେମାନଙ୍କ ଘର ଲୋକଙ୍କୁ ଡକାଯାଇଥିଲା । ସେମାନଙ୍କର ଏବେ ଚେତା ଫେରିବା ପରେ ଘରକୁ ଯାଇଛନ୍ତି ।

## ବିଲ୍ଡରଙ୍କୁ ସୁରକ୍ଷା ଦେଉଛି ରେରା: ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ରିଅଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ (ରେରା)ର କାର୍ଯ୍ୟକାରିତା ଉପରେ ଗୁରୁବାର ଶୁଣାଣି ବେଳେ କଠୋର ମନ୍ତବ୍ୟ ଦେଇଥିଲେ । କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ରେରା ବର୍ତ୍ତମାନ କେବଳ ଋଣ ଖିଲାପକାରୀ ବିଲ୍ଡରମାନଙ୍କୁ ସୁରକ୍ଷା ଦେବାର ଏକ ମାଧ୍ୟମ ପାଲଟିଛି, ତେଣୁ ଏହାକୁ ବନ୍ଦ କରିବା ଭଲ ହେବ । ଶୁଣାଣି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲିଆ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ମତ ରଖିଥିଲେ ।

ଖଣ୍ଡପୀଠ କହିଥିଲେ ଯେ ରେରା ନାମକ ସଂସ୍ଥା କ'ଣ ପାଇଁ ସୃଷ୍ଟି ହୋଇଥିଲା ସବୁ ରାଜ୍ୟ ସରକାର ଏବେ ଗମ୍ଭୀରତାର ସହିତ ବିଚାର କରିବା ଦରକାର । ଏହା ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଥିଲା ନା ବିଲ୍ଡରମାନଙ୍କୁ ସୁବିଧା ଯୋଗାଇବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅଗ୍ନିବିପନ୍ନଙ୍କୁ ଅବସର ପ୍ରାପ୍ତ କର୍ମଚାରୀଙ୍କ ସହାୟତା

**କେନ୍ଦ୍ରାପଡ଼ା,୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବରିଷ୍ଠ ଉପଦେଷ୍ଟା ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ସଂଘର ସଭ୍ୟମାନେ ଓସ୍ତପୁର ପଞ୍ଚାୟତର ବିରସ୍ୱତୀ ଗ୍ରାମର ଧର୍ମେନ୍ଦ୍ର ପ୍ରଧାନଙ୍କ ଘରପୋଡି ପରିଦର୍ଶନ କରିଥିଲେ । ଘର ତଥା ଘରର ଆସବାସ ପତ୍ର ପୋଡି ଯିବା ସହିତ ଘରର କର୍ତ୍ତା ଧର୍ମେନ୍ଦ୍ର ପ୍ରଧାନଙ୍କ ହାତଗୋଡ ପୋଡି ହୋଇଯାଇଛି । ସଂଘ ତରଫରୁ ପ୍ରଧାନଙ୍କ ଧର୍ମପତ୍ନିଙ୍କୁ ଆର୍ଥୀକ ସହାୟତା ପ୍ରଦାନ କରାଯାଇଅଛି । ଅଧିକ ସହାୟତା ପାଇଁ ସଂଘର *(ଶେଷ ପୃଷ୍ଠା ଦେଖନ୍ତୁ)*

# କଖାରୁଣୀ ସ୍କୁଲରେ ଶିକ୍ଷକ ଅଭାବ: ଶିକ୍ଷକଙ୍କୁ କ୍ଲାସ୍‌ରେ ତାଲା

**ପଟ୍ଟାମୁଣ୍ଡାଇ,୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ୟୁଜିୟୁପି ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ବୁଧବାର ଛାତ୍ରୀଛାତ୍ର ମାନେ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ଡ୍ରେସକୁ ଫେରାଇ ଦେଇଥିବା ଘଟଣା ଗୁରୁବାର ଭିନ୍ନ ମୋଡ଼ ନେଇଛି । ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲର ଶ୍ରେଣୀ ଗୃହ ମଧ୍ୟରେ ସିଆରସିସି, ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷୟତ୍ରୀ/ଶିକ୍ଷକଙ୍କୁ ତାଲା ପକାଇ ଦେଇଛନ୍ତି । ସ୍କୁଲ ବାରଣ୍ଡାରେ ସ୍କୁଲ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଧାରଣା ଦେଇଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

ପ୍ରକାଶ ଯେ ସରକାରୀ ପ୍ରଥମିକ ଶିକ୍ଷାର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ଆଳରେ ରାଜକୋଷର ଅର୍ଥ ଖର୍ଚ୍ଚ ହେଉଛି । ହେଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବା ପାଇଁ ଯାହା ନିହାତି ଜରୁରୀ, ତାହା ହୋଉନାହିଁ । ଯାହାର ଉଦାହରଣ କଖାରୁଣୀ ୟୁଜିୟୁପି ବିଦ୍ୟାଳୟରେ ଦେଖିବାକୁ ମିଳୁଛି । ଏହି ବିଦ୍ୟାଳୟରେ ୩୦୬ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅନୁପାତରେ ୧୧ ଜଣ ଶିକ୍ଷକ ଆବଶ୍ୟକ କରୁଛି । ହେଲେ ୮ଟି ଶ୍ରେଣୀରେ ପାଠ ପଢାଉଛନ୍ତି ମାତ୍ର ୪ଜଣ ଶିକ୍ଷକ । ସରକାରୀ ନିୟମ ଅନୁସାରେ, ପ୍ରତି

### ବାରଣ୍ଡାରେ ଧାରଣା

୩୦ ଜଣ ପିଲାରେ ଜଣେ ଲେଖାଏଁ ଶିକ୍ଷକ ରହିବା କଥା । ହେଲେ ଏଠାରେ ପାଖାପାଖି ୯୦ ପିଲାଙ୍କ ପାଇଁ ଅଛନ୍ତି ଜଣେ ଶିକ୍ଷକ । ୩ ଜଣଙ୍କ ସ୍ଥାନରେ କାମ ଚଳାଇ ନେଉଛନ୍ତି ଜଣେ ଶିକ୍ଷକ । ୭ଟି ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ୨ଜଣ ଶିକ୍ଷୟିତ୍ରୀ ମାତୃକାଳୀନ ଛୁଟିରେ ଯାଇଛନ୍ତି । ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ପରିଚାଳନା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଅନ୍ୟ ତିନି ଜଣ ଶିକ୍ଷକ ଶିକ୍ଷାଦାନ କରାଇବା ଅସମ୍ଭବ ହୋଇପଡିଛି । ଯାହାକୁ ନେଇ ବୁଧବାର ଛାତ୍ରୀଛାତ୍ର ନିଆରା ପ୍ରତିବାଦ କରିଛନ୍ତି । ଜଣେ ଶିକ୍ଷକ ସିଆରସିସି ଭାବେ ପଦୋନ୍ନତି ପାଇଛନ୍ତି । ବିଦ୍ୟାଳୟରେ ଶିକ୍ଷକ ମରୁଡି ଯୋଗୁଁ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତାରେ ପଡି ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀମାନେ ପୂର୍ବରୁ ଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ନୂତନ ଶିକ୍ଷକଙ୍କୁ ନିଯୁକ୍ତି ମିଳିନାହିଁ । ଫଳରେ ବୁଧବାର ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଆଗରେ ଧାରଣା ଦେବା ସହ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ଡ୍ରେସକୁ ଫେରାଇ ଦେଇଥିଲେ । ଆଜି ଏହି ଘଟଣା ଭିନ୍ନ ମୋଡ଼ ନେଇଛି ଓ ସ୍କୁଲ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲର ଶ୍ରେଣୀ ଗୃହ ମଧ୍ୟରେ ସିଆରସିସି ଅରବିନ୍ଦ ବଳ, ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ଓ ଅନ୍ୟ ଶିକ୍ଷୟତ୍ରୀ/ଶିକ୍ଷକଙ୍କୁ ତାଲା ପକାଇ ଦେଇଥିଲେ ଓ ଏହା ପରେ ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ, ଅଭିଭାବକ ସ୍କୁଲ ପରିଚାଳନା କମିଟି ସଭାପତି *(ଶେଷ ପୃଷ୍ଠା ଦେଖନ୍ତୁ)*

### ଓଟିଇଟି-୨୦୨୫ ପରୀକ୍ଷା ଫଳ ପ୍ରକାଶ
# ୧ଲକ୍ଷ ୬ହଜାର ୪୧ଜଣ ଉତ୍ତୀର୍ଣ୍ଣ

**କଟକ,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରକାଶ ପାଇଲା ଓଟିଇଟି-୨୦୨୫ର ପରୀକ୍ଷା ଫଳ । ୨୦୨୫ ଡିସେମ୍ବର ୧୭ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ମୋଟ ପାସ ହାର ୬୮.୯୭% ରହିଛି । ପେପର-୧ରେ ୭୧.୧୬ ଓ ପେପର-୨ରେ ୬୮.୦୬ ପ୍ରତିଶତ ପାସ ହାର ରହିଛି । ମୋଟ ୧ଲକ୍ଷ ୬୦ହଜାର ୪୨୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ଲକ୍ଷ ୬ହଜାର ୪୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅପରାହ୍ନ ୨ଟାରୁ ରେଜଲ୍ଟ ବୋର୍ଡ଼ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ. ବିଏସଇଓଡ଼ିଶା. ଏସି.ଇନରେ ଉପଲବ୍ଧ ହେଉଛି ।

ଓଟିଇଟି-୨୦୨୫ ପରୀକ୍ଷା ଫଳ ଗୁରୁବାର ଦିନ ପ୍ରକାଶ ପାଇଛି । ମୋଟ ୧୬୦୪୨୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୬୦୪୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଥିମଧ୍ୟରୁ ପେପର-୧ରେ ୪୫ହଜାର୯୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୨ହଜାର୮୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପେପର-୨ରେ ୧ଲକ୍ଷ ୮ହଜାର ୬୫୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ୭୩ହଜାର୯୫୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପେପର-୧ ଓ ପେପର-୨ରେ ମୋଟ ୧ଲକ୍ଷ ୬ହଜାର ୪୧ଜଣ ପରୀକ୍ଷାର୍ଥୀ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩ ଫେବୃଆରୀ ୨୦୨୬ । ଶୁକ୍ରବାର




## ଦୁଇ ଚେନ୍ ଲୁଟେରାଙ୍କୁ କୋର୍ଟଚାଲାଣ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଦୁଇ ଚେନ୍ ଲୁଟେରାଙ୍କୁ ଗିରଫ କରି ଯାଜପୁର ଟାଉନ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି । ଫେବୃଆରୀ ମାସ ୪ ତାରିଖରେ ଦେବୀଗଡ଼ା ଘାଟ ନିକଟରୁ ଜୁମା ରାଣୀ ବାରିକ ସନ୍ଧ୍ୟା ସମୟରେ ଯାଉଥିବା ବେଳେ ଲୁଟେରା ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଫେରାର ହୋଇ ଯାଇଥିଲେ । ଏନେଇ ଜୁମାରାଣୀ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗକୁ ଭିତ୍ତି କରି ତତ୍କାଳୀନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଏକ ମାମଲା ରୁଜୁ କରି ଏସ୍‌ଆଇ ସୌରଭ ମାଝୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ମୋବାଇଲ ଛଡ଼ାଇ ନେଇ ଯାଉଥିବା ସମୟରେ ଦୁଇଜଣଙ୍କୁ ସ୍ଥାନୀୟ ଅଞ୍ଚଳବାସୀ କାବୁ କରିବା ସହ ବ୍ୟବହାର କରୁଥିବା ଗାଡ଼ିକୁ ଧରିଥିଲେ । ଖବର ପାଇ ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଦୁଇଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା । ଚେନ୍ ଛିନ୍‌ତାଇ ସମେତ ଏକାଧିକ ଲୁଟ୍ ଘଟଣାରେ ଦୁଇଜଣ ସଂପୃକ୍ତ ଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା । ଏପରିକି ଜବତ ବାଇକ ବୋହୁ ଲୁଟ୍‌ରେ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଦୁଇଜଣ ଲୁଟେରା ହେଲେ ଯାଜପୁର ଟାଉନ ଥାନା ଗରିଆପୁର ଅଞ୍ଚଳର ସତ୍ୟଜିତ ବେହେରା(୨୬), ସଦର ଥାନା ଅଞ୍ଚଳର ମଣ୍ଟୁ ବେହେରା (୨୫) ବୋଲି ଜଣାପଡ଼ିଛି । ଉଭୟଙ୍କୁ ବୁଧବାର ଦିନ କୋର୍ଟ ଚାଲାଣ କରାଯାଇଛି ।

## ପୁରୀ ସମୁଦ୍ର ଉପକୂଳରେ ଡଲ୍‌ଫିନ୍

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ବେଳାଭୂମିରେ ପୁଳା ପୁଳା ସାମୁଦ୍ରିକ ଗେଣ୍ଡା ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ ସମୁଦ୍ର ଉପକୂଳରେ ଅନେକ ଡଲ୍‌ଫିନ ପାଣିରେ ଖେଳୁଥିବାର ଦୃଶ୍ୟ ମଧ ଦେଖିବାକୁ ମିଳିଛି । ଏହା ଏକ ଅଶୁଭ ସଙ୍କେତ ବୋଲି ଅନେକ ଆଶଙ୍କା କରୁଛନ୍ତି । ତେବେ ଏହାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ପରିବେଶବିତ୍ । ଏହା ଏକ ସାଧାରଣ ପ୍ରକ୍ରିୟା ଏବଂ ଏହା ଆମ ପୁରୀ ବେଳାଭୂମିର ବିଶେଷତ୍ୱ ବୋଲି ପରିବେଶବିତ୍ କହିଛନ୍ତି ।

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପରିବେଶବିତ୍ ଆକାଶ ରଞ୍ଜନ ରଥ କହିଛନ୍ତି, ପୁରୀ ସମୁଦ୍ର ସାମୁଦ୍ରିକ ଜୀବଙ୍କର ଏକ ମାଇଗ୍ରେସନ ରୁଟ୍ । ଏଣୁ ସମୁଦ୍ରରେ ଡଲଫିନ ଦୃଶ୍ୟମାନ ହେବ, ସାମୁଦ୍ରିକ ଗେଣ୍ଡା ଦିଶିବା ଏକ ସାଧାରଣ କଥା । ପୂର୍ବରୁ ମଧ ଅନେକ ଥର ସମୁଦ୍ରକୂଳରେ ଡଲଫିନ ଦେଖିବାକୁ ମିଳିଛି । ସେହିଭଳି ସାମଦ୍ରିକ ଗେଣ୍ଡା ବ୍ରିଡିଂ ଟାଇମ୍‌ରେ କୂଳକୁ ଆସିଥାନ୍ତି ବୋଲି ସେ କହିଛନ୍ତି । ଏହାକୁ ନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପୁରୀ ବେଳାଭୂମିରେ ସାମୁଦ୍ରିକ ଜୀବଙ୍କ ପାଇଁ ପର୍ଯ୍ୟାପ୍ତ ସମ୍ଭାର ରହିଥିବାରୁ ଏହାର ସଂରକ୍ଷଣ ଓ ଗବେଷଣା ପାଇଁ ସରକାର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି ।

## ମୋହନ-ନବୀନ ଗୀତକୁ ନେଇ ମାରପିଟ୍



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ମୋହନ-ନବୀନ ଗୀତକୁ ନେଇ ଗଣ୍ଡଗୋଳ । କଲେଜରେ ଦୁଇ ଗୋଷ୍ଠୀଙ୍କ ମଧରେ ମାରପିଟ୍ । ବାଲେଶ୍ୱର ଜିଲ୍ଲା ଅମର୍ଦ୍ଦାରୋଡସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ । ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସମାପନ ହେବା ପରେ ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା । ଏହି ସମୟରେ ଛାତ୍ର ସଂଗଠନର ଗୋଟିଏ ଦଳ 'ହେ ନବୀନ ବାବୁ ଆମେ ତମର ଫ୍ୟାନ' ଗୀତରେ ନାଚି ଥିଲେ । ପରେ ଅନ୍ୟ ଏକ ଗୋଷ୍ଠୀ ମୋହନଙ୍କ ଗୀତ ପରିବେଷଣ କରିବାକୁ କହିଥିଲେ । ତେବେ ଏହି ଗୀତ ଚାଲିବା କ୍ଷଣି ପୂର୍ବ ଦଳରୁ କିଛି ଛାତ୍ର ଷ୍ଟେଜକୁ ଚଢ଼ି ହୋହାଲ୍ଲା କରିଥିଲେ । ଗଣ୍ଡଗୋଳ ସମୟରେ ୪ରୁ ଅଧିକ ଚେୟାର ଭାଙ୍ଗି ଯାଇଥିବା ଜଣାପଡିଛି । କିଛି ଛାତ୍ରଙ୍କୁ ପୋଲିସ ଉଠାଇ ଆଣି ଅଟକ ରଖିବା ପରେ ଛାଡି ଦେଇଥିଲା ।

## ରାସ୍ତା ମଝିରେ ବିପଜ୍ଜନକ ଭଙ୍ଗା କଭର ପ୍ଲେଟ୍



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଏନଏସିର ୱାର୍ଡ ନଂ-୭ ଅନ୍ତର୍ଗତ ମଦନ ମୋହନ ଛକଠାରୁ ପୋଲସରା ଅଭିମୁଖେ ଲମ୍ବିଥିବା ସଡକର ମଝିରେ ଡ୍ରେନ ଉପରେ ପଡିଥିବା ଏକ କଭର ପ୍ଲେଟ ଭାଙ୍ଗି ଯାଇ ନାନାଦି ଦୁର୍ଘଟଣାର କାରଣ ପାଲଟିଛି । ତେଣୁ ଦୁର୍ଘଟଣାକୁ ଏଡାଇବା ପାଇଁ ଏହାର ଅସ୍ଥାୟୀ ପ୍ରତିକାର ଭାବେ ଲୋକେ ସେହି ଭଙ୍ଗା ସ୍ଥାନରେ ଛୋଟ ଡାଳ ପୋତୁଛନ୍ତି । ତାହା କେତେକ ଗାଡିରେ ଟାଣିହୋଇ ସେଠାରୁ ଉଭେଇ ଯାଇ ପୁଣି ପୂର୍ବାବସ୍ଥାକୁ ଫେରିଆସୁଛି । ବିଶେଷକରି ରାତିରେ ସେହି ରାସ୍ତା ଦେଇ ଯାଉଥିବା ଯାନବାହାନ ଚାଳକ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତେବେ ସ୍ଥାନୀୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜ୍ଜନକ ଭଙ୍ଗା କଭର ପ୍ଲେଟ୍ ଯୋଗୁଁ ସୃଷ୍ଟ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ବାରମ୍ବାର ଦାବି ହେଉଛି । ବାରମ୍ବାର ଦାବି ଏବଂ ଖବର ପ୍ରକାଶ ସତ୍ତ୍ୱେ ଏନ୍‌ଏସି ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବାରୁ କୌଣସି କାର୍ଯ୍ୟ ହାସଲ ହୋଇପାରୁନାହିଁ । ଫଳରେ ଭୋଟ ଦେଇ ନିର୍ବାଚିତ କରିଥିବା ଜନପ୍ରତିନିଧିଗଣଙ୍କୁ ଲୋକେ ବହେ ଶୋଧୁଛନ୍ତି । ଲୋକଙ୍କ ସାମାନ୍ୟ ସମସ୍ୟାର ସମାଧାନ କରିପାରୁନ ତ ପଦବୀରେ ରହୁଛ କାହିଁକି ବୋଲି ପ୍ରଶ୍ନ କରୁଛନ୍ତି । ସେହି ବିପଦଜ୍ଜନକ ଭଙ୍ଗା କଭର ପ୍ଲେଟ୍ ଯୋଗୁଁ ଯଦି କୌଣସି ବଡ ଧରଣର ଦୁଃଖଦ ଘଟଣା ଘଟି ଧନଜୀବନ ହାନି ହୁଏ ତେବେ ସେଥିପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ ବୋଲି ଲୋକେ ସୂଚାଇ ଦେଇଛନ୍ତି । ଏଣୁ, କୁମ୍ଭକର୍ଣ୍ଣ ନିଦ୍ରା ପରିହାର କରି ଉକ୍ତ ବିପଦକୁ ବରଣ କରୁଥିବା ସମସ୍ୟାର ସମାଧାନ ନିମନ୍ତେ ଅବିଳମ୍ବେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଦୁର୍ନୀତି ଅଭିଯୋଗର ତଦନ୍ତ କେବେ ?

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡ଼ା ପୌରପରିଷଦରେ ଟେଣ୍ଡର ପ୍ରକ୍ରିୟା ତଥା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଦୁର୍ନୀତି ହୋଇଥିବା ନେଇ ପୌରାଧକ୍ଷା ଓ କାଉନସିଲର ଗତ ଫେବୃଆରୀ ୪ରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦୁର୍ନୀତିର ଶୀଘ୍ର ତଦନ୍ତ ପାଇଁ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି । ଝାରସୁଗୁଡ଼ା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଟେଣ୍ଡର ଫିଙ୍ଗି, କୋଠା ଯୋଜନାର ଅନୁମତି ଓ ଅନୁମୋଦନ ପାଇଁ ଟଙ୍କା ଆଦାୟ, ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଆଗରୁ ମଧ୍ୟ ପୌରାଧକ୍ଷା ଏବଂ କାଉନସିଲରମାନଙ୍କ ଦ୍ୱାରା ଅଭିଯୋଗ ହୋଇଥିବା ଉଲ୍ଲେଖ କରିଛନ୍ତି । ଝାଡ଼େଶ୍ୱର ମନ୍ଦିରର ୧ କୋଟି ୪୧ ଲକ୍ଷ, ଝାଡ଼େଶ୍ୱର ମନ୍ଦିର ନିକଟରେ ଥିବା ଇକୋ ପାର୍କ ଏବଂ ଅନ୍ୟାନ୍ୟ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରିଥିବା ସହିତ ମିଥ୍ୟା ବିଲ କରିବା, ଏକ କମ୍ପାନୀକୁ ହୋଲଡିଂ ଚାର୍ଜରେ ଅନୁକମ୍ପା ପ୍ରଦର୍ଶନ କରିବା, ଉକ୍ତ କମ୍ପାନୀର ବେଆଇନଓ ଜବରଦଖଲ ଅଣଦେଖା କରି ମୋଟା ଅଙ୍କର ଟଙ୍କା ଆଦାୟ କରିବା, ବ୍ୟାଟେରୀ ଗାଡ଼ି ଲଗାଇ ଆବର୍ଜନା ବୋହୁଥିବା ଯାନଙ୍କ ନାମରେ ଇନ୍ଧନ ଖର୍ଚ୍ଚ ହେଉଥିବା ନେଇ ବିଲ ତିଆରି କରି ଆତ୍ମସାତ କରିବା ଆଦି ଦୁର୍ନୀତିରେ ଲିପ୍ତ ରହିବା ସହିତ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ଜିଲ୍ଲା ସଭାପତି ହରିଶ ଗଣତ୍ରା ଅଭିଯୋଗ କରିଛନ୍ତି । ଅଭିଯୋଗର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ପୂର୍ବତନ ସଭାପତି ରବି ସିଂହ, ରଘୁମଣୀ ପଟେଲ, ଆଲୋକ ତ୍ରିପାଠୀ, ସନ୍ଦୀପ ଅବସ୍ତି, ପିଣ୍ଟୁ ପାଢ଼ୀ ପ୍ରମୁଖ ଦାବି କରିଛନ୍ତି ।

## ସ୍କୁଲ ଫି ବୃଦ୍ଧି ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଭୁବନେଶ୍ୱର ରାଜଧାନୀ ଭୁବନେଶ୍ୱରରେ ୫୨ ବର୍ଷର ସ୍କୁଲ, ବିଜେଇମରେ ୨୦୧୫ ମସିହାରୁ ପ୍ରତ୍ୟେକ ବର୍ଷ ୧୫ରୁ ୨୦ ଶତକଡା ଫି ବୃଦ୍ଧି ହେଉଥିବାରୁ, ବିଧାୟକ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଭାବକ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଦନ୍ତ ହୋଇଥିଲା, ରିପୋର୍ଟ ମଧ ଆସି ସାରିଥିଲା । ସେ ରିପୋର୍ଟକୁ ସ୍କୁଲ କର୍ତ୍ତୃପକ୍ଷ ନ ମାନିବାରୁ ଅଭିଭାବକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷାକୁ ଏକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶକ, ପ୍ରଥମିକ କୌଣସି ତଦନ୍ତ ରିପୋର୍ଟ ହାଇକୋର୍ଟଙ୍କୁ ନଦେଇ ୨୦୧୫ ମସିହା ଡବ୍ଲୁପିସି ନଂ ୮୯/୨୦୧୫ ଅନୁସାରେ ଫି ବୃଦ୍ଧି ହେବ ବୋଲି ଲିଖିତ ଆଦେଶ ସ୍କୁଲକୁ ଦେଇଦେଲେ, ନିର୍ଦ୍ଦେଶକ, ବାଳ ଗୋବିନ୍ଦ ଭୂୟାଁ । ତଥ୍ୟ ନେବାରେ ଜଣା ପଡିଲା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ସ୍କୁଲରେ ଚାକିରୀ ଦେଇ, ଅଭିଭାବକ ସଂଘର ସବୁ ତଥ୍ୟକୁ ଲୁଚେଇ ଦେଇଥିଲେ ବୋଲି ଜଣାପଡ଼ିଛି । ଏ ସମସ୍ତ ତଥ୍ୟ ପିଏମଓ ନୂଆଦିଲ୍ଲୀକୁ ଅଭିଯୋଗ ହୋଇଛି ବୋଲି ସଂଘର ସଭାପତି ରଂଜନ କୁମାର ଦାସ ଜଣାଇଛନ୍ତି । ସ୍କୁଲ ଅବିଭାବକ ସଂଘ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ୨୦୨୫ ମସିହାରୁ ଫି ବୃଦ୍ଧି ବିରୁଦ୍ଧରେ କେସ ଚାଲୁ ରହିଛି । ବୁଧବାର ହାଇକୋର୍ଟ ଅଭିଭାବକ ସଂଘ ତଥ୍ୟକୁ ବିଚାର କରି ଫି ବୃଦ୍ଧି ଉପରେ ରହିତଦେଶ ଦେଇଛନ୍ତି ବୋଲି ଏକ ପ୍ରେସ ଇସ୍ତାହାର ରେ ଜଣାଇଛନ୍ତି ସ୍କୁଲ ଅଭିଭାବକ ସଂଘର ସଭାପତି ରଂଜନ କୁମାର ଦାସ । ତତ୍‌ସହିତ ହାଇକୋର୍ଟ ଏକ ୧୦ ଜଣିଆ କମିଟି ମଧ ଗଠନ କରିଛନ୍ତି । ସ୍କୁଲ ପକ୍ଷରୁ ପ୍ରତାପ ଜେନା, ମ୍ୟାନେଜର ବିଜୟ କୁମାର ଦାସ, ଚାଟାର୍ଡ, ଅଭିଭାବକ ସଂଘ ପକ୍ଷରୁ ନିତ୍ୟାନନ୍ଦ ବେହେରା, ସମ୍ପାଦକ, ସତ୍ୟ ସୁନ୍ଦର ସାହୁ, କୋଷାଧକ୍ଷ ତତ୍‌ସହିତ ସ୍କୁଲର ଓକିଲ ଆଶୋକ କୁମାର ପରିଜା, ପୂର୍ବତନ ଏଜି, ଅଭିଭାବକ ସଂଘ ଓକିଲ ଅମିୟ ମହାନ୍ତିଙ୍କ ସହିତ ସିବିଏସଇର ଦୁଇଜଣ ପ୍ରତିନିଧି, ନିର୍ଦ୍ଦେଶକ, ମାଧ୍ୟମିକ, ନିର୍ଦ୍ଦେଶକ, ପ୍ରଥମିକ ମଧ ଉପସ୍ଥିତ ରହିବେ । ୨୫ ତାରିଖ ଦିନ ୪ଟା ସମୟରେ ମୁଖ୍ୟ ବିଭଗ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଏକ ମିଟିଂ ଅନୁଷ୍ଠିତ ହେବ ବୋଲି ଆଦେଶରେ ଉଲ୍ଲେଖ ଅଛି । ଅଭିଭାବକ ସଂଘକୁ ୧୦ ବର୍ଷର ସମସ୍ତ ହିସାବ ସ୍କୁଲ ପ୍ରଦାନ କରିବ । ସମସ୍ତ ହିସାବ ତର୍ଜମା କରି, ସଂଘ ପକ୍ଷରୁ ମିଟିଂରେ ସମସ୍ତ ତଥ୍ୟ ଉପସ୍ଥାପନା କରାଯିବ । ଦୁଇ ମାସ ଭିତରେ ହାଇକୋର୍ଟକୁ ନିର୍ଦ୍ଦେଶକ ପ୍ରାଥମିକ, ନିର୍ଦ୍ଦେଶକ, ମାଧ୍ୟମିକ ରିପୋର୍ଟ୍ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି । ପରବର୍ତ୍ତୀ ଶୁଣାଣି ନ ସରିବା ପର୍ଯ୍ୟନ୍ତ ସ୍କୁଲ ୨୦୨୫ ମସିହା ଅନୁସାରେ ଫି ନେବ ବୋଲି ଉଲ୍ଲେଖ କରିଛନ୍ତି ହାଇକୋର୍ଟ । ସତ୍ୟ, ଧର୍ମର ବିଜୟ ହୋଇଛି ବୋଲି କହିଛନ୍ତି ସଂଘର ସଭାପତି ରଂଜନ କୁମାର ଦାସ । ନ୍ୟାୟମୂର୍ତ୍ତିଙ୍କ ଉପରେ ସଂପୂର୍ଣ୍ଣ ଭରସା ଅଛି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଶ୍ରୀ ଦାସ । ଏ ଖବର ପ୍ରଚାରିତ ହେବା ପରେ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି ।

## ଗାଁକୁ ଫେରୁଛି ଦାଦନ ଶ୍ରମିକଙ୍କ ମୃତଦେହ


**କୋକସରା: ଏକ୍ସପ୍ରେସ ନ୍ୟୁଜ୍**

ଗାଁକୁ ଫେରୁଛି ଦାଦନ ଶ୍ରମିକଙ୍କ ମୃତଦେହ । ବିଧବା ମା'କୁ ସାହାରା ଦେବାକୁ ନିଜ ଅଞ୍ଚଳରେ କାମ ନ ମିଳିବାରୁ ସାଥି ଶ୍ରମିକଙ୍କ ସହ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ । କୋକସରା ପଞ୍ଚାୟତ ଚିଲିଗୁଡ଼ା ଗାଁର ବାପ ଛେଉଣ୍ଡ ଯୁବକ ବସନ୍ତ ବାଗ । ହାଇଦ୍ରାବାଦର ଏକ ଠିକାଦାର ନିକଟରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଆସୁଥିଲେ । ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ୍ ବିଗିଡ଼ିବାରେ ଲାଗିଲା, ସାଥିରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ସ୍ଥାନୀୟ ମେଡିକାଲରେ ନେଇ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ବସନ୍ତକୁ ମୃତ ଘୋଷଣା କରିଥିଲେ ।

ଏହି ଦୁଃଖଦ ଖବର ଫୋନରେ ଶୁଣିବା ପରେ ଚିଲିଗୁଡ଼ା ଗ୍ରାମର ତାଙ୍କ ସମ୍ପର୍କୀୟ ଲୋକ ହାଇଦ୍ରାବାଦ ଯାଇଥିଲେ । ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ନେଇ ଭିଟାମାଟିକୁ ଫେରୁଥିବା ଖବର ମିଳିଛି । ସ୍ୱାମୀକୁ ହରାଇ ବିଧବା ମା' ନିଜ ରୋଜଗାରିଆ ପୁଅର ମୁହଁ ଦେଖି ଜୀବନର ବାକିତକ ଜୀବନ କାଟୁଥିବା ବେଳେ ପୁଅର ମୃତ୍ୟୁ ପରେ ସେ ଭାଙ୍ଗି ପଡ଼ିଛନ୍ତି । ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆର୍ଥିକ ସହାୟତା ଯୋଗାଇଦେବାକୁ ଚିଲିଗୁଡ଼ା ଗ୍ରାମବାସୀମାନେ ଦାବି କରିଛନ୍ତି ।

## ବାଣିଜ୍ୟ

## ଆଇଟି ସେୟାର ବିକ୍ରି ଲାଗି ବଜାରରେ ଚାପ



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ସେୟାର ବଜାରରେ ଗୁରୁବାର ବଡ଼ ହ୍ରାସ ଦେଖିବାକୁ ମିଳିଛି । କାରବାର ଶେଷରେ ସେନସେକ୍ସ ୫୫୮.୭୨ ପଏଣ୍ଟ ବା ୦.୬୬ ପ୍ରତିଶତ ହ୍ରାସ ପାଇ ୮୩,୬୭୪.୯୨ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍‌ଟି ୧୪୬.୬୪ ଅଙ୍କ ବା ୦.୫୭ ପ୍ରତିଶତ ହ୍ରାସ ଘଟି ୨୫,୮୦୭.୨୦ ସ୍ତରରେ ବନ୍ଦ ହୋଇଛି । ଆଜିର ଏହି ହ୍ରାସରେ ନିବେଶକଙ୍କୁ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି ।

ସେୟାର ବଜାରରେ ଆଜିର ହ୍ରାସ ପଛରେ ସବୁଠୁ ବଡ଼ କାରଣ ହେଉଛି ଆଇଟି ସେୟାରରେ ବିକ୍ରି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସିରୁ ଆଇଟି କମ୍ପାନିଗୁଡ଼ିକର ଆୟ ଉପରେ ପଡ଼ିବାକୁ ଥିବା ପ୍ରଭାବର ଚିନ୍ତା ଯୋଗୁ ନିବେଶକଙ୍କ ମନୋବଳ ଦୁର୍ବଳ ହୋଇଛି । ବ୍ରଡର ମାର୍କେଟ୍ ବି ଚାପରେ ରହିଥିଲା । ନିଫ୍ଟି ମିଡକ୍ୟାପ୍-୧୦୦ ଓ ନିଫ୍ଟି ସ୍ମଲକ୍ୟାପ୍-୧୦୦ ଦିନରେ ପ୍ରାୟ ୦.୫ ପ୍ରତିଶତ ହ୍ରାସ ପାଇଛି ।

ବିଏସଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମାର୍କେଟ କ୍ୟାପ୍ ଗୁରୁବାର ହ୍ରାସ ପାଇ ୪୭୨.୩୦ ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ କାରବାର ଦିନ ଏହା ୪୭୪.୯୦ ଲକ୍ଷ କୋଟି ଟଙ୍କା ଥିଲା । ଏହି ପରି ବିଏସଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକ ବାଜାର ପୁଞ୍ଜି ଆଦି ପ୍ରାୟ ୨.୬୯ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ପ୍ରାୟ ୨.୬୯ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ବିଏସଇ ସେନସେକ୍ସର ୩୦ ମଧରୁ ୧୩ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି । ଅନ୍ୟପଟେ ୧୭ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି ।

## ଧାନ କ୍ରୟ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ପୂର୍ବ ନିର୍ଦ୍ଧାରିତ ଚେତାବନୀ ଅନୁଯାୟୀ କୃଷକ ସଭା ଅଲାଲପୁର ସେବା ସମବାୟ ସମିତି ଶାଖା ପକ୍ଷରୁ ସୁଗୋ ଛକ ଠାରେ ଶହ ଶହ ଚାଷୀ ରାସ୍ତା ଅବରୋଧ କରିଥିଲେ । ଟ୍ରେଡ ୟୁନିୟନରର ଭାରତ ବନ୍ଦକୁ ସମର୍ଥନ କରିବା ସହ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣା ଲାଗି ଘୋର ସମସ୍ୟା ସୃଷ୍ଟି ହୋଇଥିଲା । ଟୋକନ ପାଇଥିଲେ ମଧ ଧାନ କ୍ରୟରେ ଅହେତୁକ ବିଳମ୍ବ ଓ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ଚାଷୀ ପ୍ରତାରିତ ହେବା ପ୍ରତିବାଦରେ ରାସ୍ତାରେ ବସ୍ତା ବସ୍ତା ଧାନ ଥୋଇ ଆନ୍ଦୋଳନ କରିଥିଲେ । ରାସ୍ତାରୋକ ବିକ୍ଷୋଭ ଫଳରେ ଦୁଇପଟୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ସୂଚନା ପାଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସଡିପି ଓ ସୁବ୍ରତ ବେହେରା, ଏସିଏସ ଓ ବୁଦ୍ଧଦେବ ଜେନା, ପୁରଞ୍ଜନ ସାହୁ, ଯୋଗାଣ ଅଧିକାରୀ ପ୍ରମୁଖ ପହଞ୍ଚି କୃଷକମାନଙ୍କ ସହିତ ଆଲୋଚନା କରିଥିଲେ । ବିକ୍ଷୋଭ ସ୍ଥାନରେ ଜମା କରିଥିବା ଚାଷୀଙ୍କର ସମସ୍ତ ଧାନକୁ ତତକ୍ଷଣାତ୍ କ୍ରୟ କରିବା ସହିତ ମାର୍ଚ୍ଚ ୩୧ ତାରିଖ ମଧରେ ଅନ୍ୟ ସମସ୍ତ ଧାନ କିଣା ଯିବାର ଲିଖିତ ପ୍ରତିଶ୍ରୁତି ପରେ ଅପରାହ୍ଣରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସିଟୁ ନେତା ପଲଟୁ ଦାସଙ୍କ ନେତୃତ୍ୱରେ ସୁଜିତ ଦେ, ପବିତ୍ର ପାତ୍ର, ସତ୍ୟଜିତ ପ୍ରଧାନ, ଗୌତମ ପାତ୍ର, ଅଶୋକ ଦତ୍ତ, ଜିଲ୍ଲା କୃଷକ ନେତା ଦିଲ୍ଲିପ କୁମାର ଗିରି, ରାଜ୍ୟ କୃଷକ ନେତା ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଶ୍ୟାମସୁନ୍ଦର ଭୂୟାଁ, ଅକ୍ଷୟ ନାୟକ, ମଦନ ମାହାଳିକ, ଝରଣା ଘଡେଇ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପରିଡ଼ା, ସବିତା ଭୂୟାଁ ପ୍ରମୁଖ ଶତାଧିକ ଚାଷୀ ଏବଂ ସମର୍ଥକ ବିକ୍ଷୋଭରେ ସାମିଲ୍ ହୋଇଥିଲେ ।

## ଖଣି ଲୁଟ୍ ପ୍ରତିବାଦରେ ବିଜେଡିର ବିକ୍ଷୋଭ



**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**


ଧାନ ମଣ୍ଡିରେ ଚାଷୀଙ୍କ ସମସ୍ୟା, ଖଣି ଲୁଟ୍, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ବିଜେଡି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦ କରାଯାଇଥିଲା । ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ଚାଷୀ ମଣ୍ଡିରେ ଧାନ ଦେବାରେ ସମସ୍ୟା ସୃଷ୍ଟି ହୋଇଛି । ମିଲର ଚାଷୀଙ୍କ ଧାନକୁ କୁଇଣ୍ଟାଲ ପିଛା ୧୦ କେଜି କଟନି ଛଟନି କରୁଛି । ଯାହାକୁ ନେଇ ଚାଷୀ ସମସ୍ୟାରେ ପଡ଼ିଛନ୍ତି । ବିଜେପି ସରକାର ଚାଷୀଙ୍କ ହିତ ପାଇଁ ଧାନର କୁଇଣ୍ଟାଲ ପିଛା ଏମଏସ୍‌ପି ୩୧ଶହ ଟଙ୍କା କହୁଥିବା ବେଳେ ଚାଷୀଙ୍କ ଧାନକୁ ବ୍ୟାପକ ପରିମାଣର କଟାଯାଉଛି ବୋଲି ବିଜେଡି ନେତୃମଣ୍ଡଳୀ ସିଧାସଳଖ ଅଭିଯୋଗ କରିଥିଲେ । ଚାଷୀଙ୍କୁ ଟୁକନ ମିଳୁନାହିଁ । ଟୁକନ ମିଳିଲେ ମଣ୍ଡିରେ ଧାନ ଦେଇପାରୁନାହାଁନ୍ତି । ମଣ୍ଡିରେ ମିଲରଙ୍କର ରାଜ୍ ଚାଲିଛି ବୋଲି କହିବାକୁ ପଛାଇ ନାହାଁନ୍ତି । ମିଲରଙ୍କୁ ସରକାର ଡରୁଛନ୍ତି ବୋଲି ବିଜେଡି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ଜିଲ୍ଲାରେ ବାଲି, ଖଣି ଲୁଟ୍ ଚାଲିଛି । ଏହାକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି । ବିଜେପି ନେତା ଓ କର୍ମୀଙ୍କ ଇଙ୍ଗିତରେ ଏହି ଚୋରା କାରବାର କରାଯାଉଥିଲା ବେଳେ ପୋଲିସ ଓ ତହସିଲ ପ୍ରଶାସନ ସୁରକ୍ଷା ଯୋଗାଉଛି । ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବିଜେପି ନେତା ଥାନା ଚଳାଉଛନ୍ତି ବୋଲି ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଅଭିଯୋଗ କରିଥିଲେ । ଦୀର୍ଘ ୧୮ମାସ ସରକାରରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରିନାହିଁ । ଲୋକେ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ସରକାର ଯଦି ଏଥିପ୍ରତି ସଜାଗ ନ ହେବେ ତେବେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରତିବାଦ ସ୍ଥଳରେ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ । ବିଜେଡି ନେତା, କର୍ମୀ କୁସୁମା ପ୍ରଶାସନିକ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିବାଦ ସଭାରେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ୟାସନଗର ପୌରାଧକ୍ଷ ସବିତା ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ, କାଉନସିଲର ହେମାଙ୍ଗିନୀ ମହାନ୍ତି, ବିଜେଡି ଯୁବନେତା ମନୋଜ ସାହୁ ସମେତ ସମସ୍ତ ପାରିଷଦ, ବରିଷ୍ଠ ବିଜେଡି ନେତା, କର୍ମୀ ସାମିଲ ହୋଇଥିଲେ ।

## ସିନେମାଫିନେମା ଟିଭିଫିବି

## ବିବାଦରେ ଉଦିତ ନାରାୟଣ

ପୁଣି ବିବାଦରେ ପ୍ଲେବ୍ୟାକ୍ ସିଙ୍ଗର ଉଦିତ ନାରାୟଣ । ପ୍ରଥମ ପତ୍ନୀ ରଞ୍ଜନା ନାରାୟଣ ଝା ଆଣିଲେ ଅଭିଯୋଗ । ତାଙ୍କ ସହମତି ବିନା ଅପରାଧିକ ଷଡ଼ଯନ୍ତ୍ରର ଅଂଶ ଭାବରେ ତାଙ୍କ ଗର୍ଭାଶୟ ବାହାର କରିଥିବା ଅଭିଯୋଗ କରିଛନ୍ତି ରଞ୍ଜନା । ତାଙ୍କ ଅସୁସ୍ଥତାର ଚିକିତ୍ସା ଚାଲିଥିବା ସମୟରେ ତାଙ୍କ ଗର୍ଭାଶୟ କାଢ଼ିବା ବିଷୟରେ ଜାଣିବାକୁ ପାଇଥିଲେ ବୋଲି ଦାବି କରିଛନ୍ତି ରଞ୍ଜନା । ଏନେଇ ତାଙ୍କ ଓକିଲ କରୁଣାକର ଝାଙ୍କ ସହ ମଙ୍ଗଳବାର ବିହାରର ସୁପୌଲ ସହରର ମହିଳା ପୋଲିସ ଷ୍ଟେସନରେ ଏକ ଅଭିଯୋଗ ଦାଖଲ କରିଛନ୍ତି ।

ଅଭିଯୋଗରେ ସେ କହିଛନ୍ତି, ଉଦିତ ଏବଂ ତାଙ୍କ ଦୁଇ ଭାଇ-ସଞ୍ଜୟ କୁମାର ଝା ଏବଂ ଲଳିତ ନାରାୟଣ ଝା ତାଙ୍କୁ ୧୯୯୬ ମସିହାରେ ଚିକିତ୍ସା ପାଇଁ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ନଜଣାଇ କିମ୍ବା ତାଙ୍କ ସମ୍ମତି ନନେଇ ତାଙ୍କ ଗର୍ଭାଶୟ ବାହାର କରି ଦେଇଥିଲେ । ସେ ଆହୁରି କହିଛନ୍ତି ଯେ, ଗାୟକଙ୍କ ଦ୍ୱିତୀୟ ପତ୍ନୀ ଦୀପା ନାରାୟଣ ଏହି ଅବସରରେ ହସ୍ପିଟାଲରେ ଉପସ୍ଥିତ ଥିଲେ ଏବଂ ଅସ୍ତ୍ରୋପଚାର ସୁନିଶ୍ଚିତ କରିବା ପାଇଁ ଚାରିଜଣ ଏକାଠି ଥିଲେ । ପ୍ରକାଶ ଥାଉକି, ୧୯୮୪ ଡିସେମ୍ବର ୭ ତାରିଖରେ ହିନ୍ଦୁ ରୀତିନୀତି ଅନୁସାରେ ଉଦିତଙ୍କୁ ବିବାହ କରିଥିଲେ ରଞ୍ଜନା । ୧୯୮୫ ମସିହାରେ ଉଦିତ ହିନ୍ଦୀ ଚଳଚ୍ଚିତ୍ରରେ ପ୍ଲେବ୍ୟାକ୍ ସିଙ୍ଗର ଭାବେ କ୍ୟାରିଅର୍ କରିବା ପାଇଁ ମୁମ୍ବାଇ ଚାଲିଯାଇଥିଲେ ।



ରଞ୍ଜନା କହିଛନ୍ତି, ସେହି ସମୟ ମଧ୍ୟରେ, ମୁଁ ଜାଣିବାକୁ ପାଇଲି ଯେ ସେ ଦୀପା ନାମକ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଛନ୍ତି । ଯେତେବେଳେ ତାଙ୍କୁ ସାମ୍ନା କରିବାକୁ ପଡ଼ିଲା, ସେ ଏହାକୁ ମନା କରିଥିଲେ । ମୁଁ ୨୦୦୬ ମସିହାରେ ମୁମ୍ବାଇ ଯାତ୍ରା କରିଥିଲି କିନ୍ତୁ ଉଦିତ ଏବଂ ଦୀପା ମୋତେ ସେମାନଙ୍କ ଘରେ ପ୍ରବେଶ କରିବାକୁ ମନା କରିଦେଲେ । ତା'ପରେ ମୁଁ ନେପାଳର ସପ୍ତରୀ ଜିଲ୍ଲାର ଭାରଦାହରେ ଥିବା ମୋ ଶ୍ୱଶୁର ଘରର ବାସଭବନକୁ ଗଲି, କିନ୍ତୁ ମୋ ଭାଇ, ଭଉଣୀ ଏବଂ ଅନ୍ୟ ସମ୍ପର୍କୀୟମାନେ ମୋତେ ଅପମାନିତ କରି ତଡ଼ି ଦେଇଥିଲେ । ମୁଁ ସେବେଠାରୁ ମୋ ବାପାମାଙ୍କ ଘରେ ରହୁଛି । ଉଦିତଙ୍କ ଦ୍ୱିତୀୟ ବିବାହକୁ ନେଇ ରଞ୍ଜନାଙ୍କ ଦ୍ୱାରା ଏକ ମାମଲା ସୁପୌଲର ପରିବାର କୋର୍ଟରେ ବିଚାରାଧୀନ ଅଛି ଏବଂ ଶୁଣାଣି ଏପର୍ଯ୍ୟନ୍ତ ଚାଲିଛି । ସେପଟେ ସୁପୌଲ ମହିଳା ପୋଲିସ ଷ୍ଟେସନ୍ ଇନଚାର୍ଜ ଅନୁ ତିୱାରୀ କହିଛନ୍ତି, ଏହା ଏକ ୩୦ ବର୍ଷ ପୁରୁଣା ମାମଲା । ଆମେ ଏହାର ତଦନ୍ତ କରିବୁ । ତଥ୍ୟ ଆଧାରରେ ମାମଲା ପଞ୍ଜିକୃତ କରାଯିବ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଜଳ ଯୋଗାଣ ଅବ୍ୟବସ୍ଥା




**୧୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ ପଞ୍ଚାୟତ ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କ ତୃଷା ନିବାରଣ ପାଇଁ ଆବଶ୍ୟକ ପାନୀୟଜଳ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ଦେଖା ଦେଇଛି । ଏହି ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଦୁର୍ବଳ ଭିତ୍ତିଭୂମି ଓ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ପ୍ରତି ନାନା ପ୍ରକାର ପ୍ରଶ୍ନ ସୃଷ୍ଟି ହେଉଛି । ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବ କାରଣରୁ ଛାତ୍ର ଛାତ୍ରୀମାନେ ନିଜର ମୌଳିକ ସୁବିଧା ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ରହୁଛନ୍ତି ।

ଦେଶ ସ୍ୱାଧୀନତାର ଦୀର୍ଘ ୮ ଦଶନ୍ଧି ପୁରିବାକୁ ବସିଥିଲେ ମଧ୍ୟ ପ୍ରାଥମିକ ବିଦ୍ୟାଳୟ ଗୁଡିକର ପାନୀୟଜଳ ଯୋଗାଣ ବ୍ୟବସ୍ଥାର ରୂପରେଖ ବଦଳି ପାରିନାହିଁ । ବିଦ୍ୟାଳୟ ପରିସରରେ ଉନ୍ନତଧରଣର ଶୌଚାଳୟ ଓ ଶ୍ରେଣୀଗୃହ ଛାତ ଉପରେ ବିନା ପାଣିରେ ଉଚ୍ଚ ପାଣିଟାଙ୍କିଗୁଡିକ ବିଦ୍ୟାଳୟର ଶୋଭାମଣ୍ଡନ କରୁଥିବା ଦେଖାଯାଇଛି । ବିଭିନ୍ନ ବିଦ୍ୟାଳୟରେ ଜଳଯୋଗାଣ କରାଯିବା ପାଇଁ ପରିସରରେ ଖନନ କରାଯାଇଥିବା ବୋରୱେଲଗୁଡିକ ଅନେକ ଦିନ ହେଲା ଅଚଳାବସ୍ଥାରେ ପଡି ରହିଛି । ତା'ର ମରାମତି କରାଯିବା ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ । ବିନା ପାଣିରେ ଶୌଚାଳୟଗୁଡିକ ଅଦରକାରୀ ହୋଇ ପଡିଛ । ଛାତ୍ରଛାତ୍ରୀମାନେ ଖୋଲାରେ ଶୌଚ ହେବାକୁ ବାଧ୍ୟ ହେଉଛନ୍ତି । କିଛି ବିଦ୍ୟାଳୟରେ ଗାଁରେ ଥିବା ବସୁଧା ଯୋଜନା ଗ୍ରାମ୍ୟ ପାଇପଜଳ ଯୋଗାଣ କେନ୍ଦ୍ରର ଟାଙ୍କିରୁ ଗୋଟିଏ ଟ୍ୟାବ ଲଗାଇ ଛାତ୍ରଛାତ୍ରୀଙ୍କ ପାନୀୟଜଳ ଆବଶ୍ୟକତାକୁ ଯଥାସମ୍ଭବ ଦୂର କରାଯିବା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ଆଉ କିଛି ବିଦ୍ୟାଳୟରେ ମେଗା ପାନୀୟଜଳ ପ୍ରକଳ୍ପରୁ ଗୋଟିଏ ଗୋଟିଏ ଟ୍ୟାପ୍ ଲଗାଯାଇଛି । ସେଥିରୁ ନିର୍ଦ୍ଧାରିତ ସମୟ ଅନୁଯାୟୀ ଦିନରେ ଥରେ ଘଣ୍ଟାଏ ଲେଖାଁଏ ପାଣି ଆସୁଥିବାରୁ ବିଦ୍ୟାଳୟ ସମୟ ସହ ତା'ର କୌଣସି ତାଳମେଳ ରହୁନ ଥିବା ଜଣାପଡିଛି । ଅଧିକାଂଶ ବିଦ୍ୟାଳୟର ଛାତ୍ରଛାତ୍ରୀ ନଳକୂପର ଲୌହ ଗନ୍ଧ ଯୁକ୍ତ ପାଣି ଭରଷାରେ ରହିଛନ୍ତି । ନଳକୂପରୁ ବାହାରୁ ଥିବା ପାଣିର ମାନ ମଧ୍ୟ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି । ଏଭଳି ପାଣିକୁ ବର୍ଜନ କରି କିଛି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଘରୁ ବୋତଲରେ କିମ୍ବା ବାହାରୁ ପାଣି କିଣି ଆଣି ତୃଷା ନିବାରଣ କରୁଛନ୍ତି । କଦଳୀଗଡ ତଥା ଆଖପାଖ ଅଞ୍ଚଳରେ ଥିବା ପ୍ରାୟ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଏଭଳି ସମସ୍ୟା ରହିଥିବା ଅନୁସନ୍ଧାନରୁ ଜଣାପଡିଛି । କୌଣସି ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟଜଳ ପାଇଁ ଆକ୍ୱାଗାଡ ବ୍ୟବସ୍ଥା କରାଯାଇ ନାହିଁ । ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟା ସମାଧାନ ହେଉ ନ ଥିବାରୁ ନିରାଶ ହୋଇ ଭାଗ୍ୟକୁ ଆଦରି ରହିଛନ୍ତ । ନିଜ ବିଦ୍ୟାଳୟର ଏଭଳି ଅବ୍ୟବସ୍ଥା ଦେଖି ଅଭିଭାବକ ମହଲରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି । ଏ ସଂକ୍ରାନ୍ତରେ ରେଢ଼ାଖୋଲ ବିଇଓ ରଞ୍ଜିତ ଭୋଇଙ୍କୁ ଯୋଗାଯୋଗ କରି ଥିଲେ ମଧ୍ୟ ତାଙ୍କ ଫୋନ ବନ୍ଦ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ଏକାଦଶୀ |
|---|---|
| ୧୩.୨.୨୦୨୬ | ନକ୍ଷତ୍ର– ମୂଳା, ଧନୁଚନ୍ଦ୍ର |



| | |
|---|---|
| ମେଷ | : ବନ୍ଧୁ ସହଯୋଗ ପାଇବେ । |
| ବୃଷ | : କିଛି ବି ଅଘଟଣ ଘଟିପାରେ । |
| ମିଥୁନ | : ହସଖୁସିରେ ଦିନ କଟିବ । |
| କର୍କଟ | : ବନ୍ଧୁଲାଭ ହେବେ । |
| ସିଂହ | : କ୍ଲେଶ ବୃଦ୍ଧି ପାଇବ । |
| କନ୍ୟା | : ଋଣ କରିବେ । |
| ତୁଳା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ବିଛା | : ଶତ୍ରୁ ବୃଦ୍ଧି ପାଇବେ । |
| ଧନୁ | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| ମକର | : ଅପମାନିତ ହୋଇପାରନ୍ତି । |
| କୁମ୍ଭ | : ଭ୍ରମଣରୁ ଆନନ୍ଦ ପାଇବେ । |
| ମୀନ | : ଦିନଟି ସୌଖ୍ୟପ୍ରଦ ରହିବ । |

# ମାଟିରେ ମିଶିଲା ୭୫ ଦୋକାନ ଘର

**ବାଲିଅନ୍ତା, ୧୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ତହସିଲ ପକ୍ଷରୁ ବାଳକାଟି ବଜାରରେ ବହୁ ବେଆଇନ ନିର୍ମାଣ ଏବଂ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହୋଇଛି । ପାଖାପାଖି ୭୫ ବେଆଇନ ନିର୍ମାଣ ଯଥା ହୋଟେଲ, ଜଳଖିଆ ଦୋକାନ ଭଳି ୭୫ ଦୋକାନ ଘର ବୁଲ ଡୋଜର ଲଗାଇ ପ୍ରଶାସନ ଭାଙ୍ଗି ଦେଇଛି । ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ଉପସ୍ଥିତିର ୫ଟି ବୁଲଡୋଜର ଉଚ୍ଛେଦ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ପ୍ରତାପଶାସନ ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ନୀଳମାଧବ ମହାନ୍ତି, ଅତିରିକ୍ତ ତହସିଲଦାର ଜି. ଲକ୍ଷ୍ମୀ ଦେବୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ, ତହସିଲ ସୁପର ଭାଇଜର ଅମରେନ୍ଦ୍ର ମହାରଥି ପ୍ରମୁଖ ସାମିଲ ହୋଇଥିଲେ । ଥାନା ଅଧିକାରୀ ଅନୀଲ ପରିଡ଼ାଙ୍କ ନେତୃତ୍ୱରେ ବାଳକାଟି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନାଙ୍କ ସମେତ ୩ ପ୍ଲାଟୁନ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିଲେ । ଅନ୍ୟ ୪ଟି ବିଲଡିଂ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ଉଚ୍ଛେଦ ହୋଇପାରି ନାହିଁ ।

# କଣ୍ଟାପଡାରେ ହେବ ଗୋଶାଳା

**ନିଆଳୀ, ୧୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡା ତହସିଲ କାର୍ଯ୍ୟାଳୟ ଆଗରେ ୨୦୨୧ ମସିହାରେ ତିନିଦିନ ଧରି ପିୟୁଷଙ୍କ ନେତୃତ୍ୱ ଓ ଚାଷୀଙ୍କ ସହଯୋଗରେ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ୨୦୨୧–୨୬ ମସିହା ଧରି ଆନ୍ଦୋଳନ, ପ୍ରତିବାଦ ଓ ଅଭିଯୋଗ କରି ଆସୁଥିଲେ । ଶେଷରେ ସରକାରଙ୍କ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶରେ କଣ୍ଟାପଡା ଅଞ୍ଚଳରେ ଷଣ୍ଢମାନଙ୍କର ସମସ୍ୟା ସମାଧାନ ନିମନ୍ତେ ୨୨ ଜାନୁଆରୀରେ ଏକ କମିଟି ଗଠନ କରାଯାଇଥିଲା । ୧୦ ତାରିଖ ମଙ୍ଗଳବାର ଦିନ କଣ୍ଟାପଡା ତହସିଲରେ ଥିବା ସଭାଗୃହରେ ପ୍ରଥମ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟ, କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ, କଣ୍ଟାପଡା ବିଭିଓ ମତ୍ୟୁଞ୍ଜୟ ବେଉରା, କଣ୍ଟାପଡା ୮ ନମ୍ବର ଯୋନ ଜିଲ୍ଲା ପରିଷଦ ପିୟୁଷ ରଞ୍ଜନ ମିଶ୍ର, ୯ ନମ୍ବର ଯୋନ ଜିଲ୍ଲା ପରିଷଦଙ୍କ ପ୍ରତିନିଧି ପ୍ରକାଶ ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ସୁଶାନ୍ତ କୁମାର ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ଅଭିମନ୍ୟୁ ସାହୁ, ଅତିରିକ୍ତ ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀ ରଶ୍ମି ରଞ୍ଜନ ଦାସ (ପ୍ରାଣୀ ମଙ୍ଗଳ)ଙ୍କ ଉପସ୍ଥିତିରେ ଷଣ୍ଢମାନଙ୍କ ସମସ୍ୟା ପାଇଁ ଯଥାଶୀଘ୍ର ଏକ ଗୋଶାଳା କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା । ୩ଟି ଜାଗାକୁ କମିଟି ଚୟନ କରିଥିବା ବେଳେ ସର୍ବ ସହମତିରେ କଣ୍ଟାପଡା ତହସିଲ ବାଗଲପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମରେ ୧୫୦ ଷଣ୍ଢ ରହିବା ନିମନ୍ତେ ୨ ଏକର ୭୦ ଡ଼ିସିମିଲ ଜାଗା ଚୟନ କରାଗଲା । ଉକ୍ତ ଜାଗାକୁ ରାଜସ୍ୱ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗକୁ ହସ୍ତାନ୍ତର କଲେ ଗୋଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଦୀର୍ଘ ଦିନର ଚାଷୀମାନଙ୍କର ଆନ୍ଦୋଳନ ସଫଳ ହେବାକୁ ଯାଉଥିବାରୁ ପ୍ରଶାସନ ଓ ଚାଷୀମାନଙ୍କୁ ନେତୃତ୍ୱ ନେଉଥିବା ଜିଲ୍ଲା ପରିଷଦ ପିୟୁଷ ମିଶ୍ର ଜଣାଇଛନ୍ତି । ଅସୁସ୍ଥତା କରଣରୁ ବ୍ଲକ ଅଧକ୍ଷା ଉକ୍ତ ବୈଠକରେ ଅନୁପସ୍ଥିତ ରହିଥିଲେ ।

# ରଞ୍ଜନ ହତ୍ୟାକାରୀ ଗିରଫ

**ଭଣ୍ଡାରିପୋଖରୀ, ୧୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ରେଳଲାଇନ ପାର୍ଶ୍ୱରୁ ଗତ ୫ ରାତ୍ରରେ ଯୁବକର ମୃତଦେହ ପୁଲିସ ଉଦ୍ଧାର କରି ହତ୍ୟା ମାମଲା ରୁଜୁ କରିଥିଲା । ହତ୍ୟାର ଶିକାର ହୋଇଥିବା ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡା ଗ୍ରାମର ଯୁବକ ରଞ୍ଜନ ଦାସ ଓରଫ ରାଜା(୨୦)କୁ ହତ୍ୟା ଘଟଣାକ୍ରମ ପୁଲିସ ବୁଧବାର ଗଣମାଧ୍ୟମ ସମ୍ମୁଖରେ ଉନ୍ମୋଚିତ କରିଛି । ଉପଖଣ୍ଡ ପୁଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲି ଥାନାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ।

ପୁଲିସ ସୂଚନା ମୁତାବକ ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡା ଗ୍ରାମର ରଞ୍ଜନ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲା । ଉଭୟଙ୍କ ମଧ୍ୟରେ ଗତ କିଛି ବର୍ଷ ଧରି ଅନ୍ତରଙ୍ଗ ସମ୍ପର୍କ ଥିଲା। ମାତ୍ର ଗତ ୬ ମାସ ଧରି ପ୍ରେମିକା ପ୍ରେମ ସମ୍ପର୍କରୁ ଏକତରଫା ଭାବେ ଓହରି ଯାଇଥିଲା । ବେଙ୍ଗାଲୁରରେ ରହୁଥିବା ରଞ୍ଜନ ପ୍ରେମିକାକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଉଦ୍ୟମ ଚଳାଇଥିଲା। ସମ୍ପର୍କର ପରିସମାପ୍ତି ପାଇଁ ପ୍ରେମିକା ଜଣକ ବେଙ୍ଗାଲୁରରେ ରହୁଥିବା ରଞ୍ଜନକୁ ବିରିଡିକୁ ଡକାଇଥିଲା । ଡାକରା ପାଇ ରଞ୍ଜନ ଗତ ୪ ତାରିଖରେ ମଞ୍ଜୁରୀରୋଡରେ ପହଞ୍ଚିଥିଲା । ପ୍ରେମିକା ଜଣକ କଲେଜରୁ ଫେରୁଥିବା ସମୟରେ ବିରିଡି ରେଳ ଧାରଣା ପାର୍ଶ୍ୱରେ ରଞ୍ଜନ ବସିଥିବା ଦେଖି ପ୍ରେମିକାର ଭିଣୋଇ କୁଲଣା ଗ୍ରାମର ନୀଳମଣି ଓଝା(୨୩)ଙ୍କୁ ଫୋନ ଯୋଗେ ଜଣାଇଥିଲା । ନୀଳମଣି ପ୍ରେମିକା ବଡଭଉଣୀ ସାଙ୍ଗ(ନାବାଳିକା)ଙ୍କୁ ବାଇକରେ ନେଇ ବିରିଡିରେ ପହଞ୍ଚିଥିଲେ । ପ୍ରେମିକା, ପ୍ରେମିକା ବଡଭଉଣୀ ସାଙ୍ଗ ଓ ପ୍ରେମିକାର ଭିଣୋଇ ବିରିଡି ରେଳଧାରଣା ନିକଟରେ ବସିଥିବା ରଞ୍ଜନ ପାଖକୁ ଯାଇ ୪ ତାରିଖ ଅପରାହ୍ନରେ ପ୍ରେମ ସମ୍ପର୍କରୁ ଓହରି ଯିବାକୁ ପ୍ରବର୍ତ୍ତାଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ରଞ୍ଜନ ସେମାନଙ୍କୁ ପଥର ଫିଙ୍ଗିଥିଲା। ଏହି ସମୟରେ ରଞ୍ଜନ ପଛରେ ଥିବା ପ୍ରେମିକାର ଭିଣୋଇ ନୀଳମଣି ପଥର ଯୋଗେ ରଞ୍ଜନର ମୁଣ୍ଡ ପଛକୁ ଛେଚି ଦେଇଥିଲା। ରଞ୍ଜନ ଅଚେତ ହୋଇଯିବା ପରେ ୩ ଜଣ ଯାକ ମିଶି ଗିଲବାଡି ସହାୟତାରେ ରଞ୍ଜନ ବେକକୁ ଚିପି ମାରି ଦେଇଥିଲେ। ସେହିଦିନ ସନ୍ଧ୍ୟାରୁ ରଞ୍ଜନର ଫୋନ ବନ୍ଦ ରହିଥିଲା। ରଞ୍ଜନର ମୃତଦେହ ବିରିଡି ରେଳ ଲାଇନ ପାର୍ଶ୍ୱରେ ପଡିଥିଲା ବୋଲି ୫ ତାରିଖ ଅପରାହ୍ନ ୪ଟା ସମୟରେ ଭିଣୋଇ ସରୋଜଙ୍କୁ ସୂଚନା ମିଳିଥିଲା। ରଞ୍ଜନ ଭିଣୋଇ ସରୋଜ ଦାସଙ୍କ ଥାନାରେ ଅଭିଯୋଗ କରିଥିଲେ। ଏଥିପୂର୍ବରୁ ସଂପୃକ୍ତ ପ୍ରେମିକା ଓ ସମ୍ପର୍କୀୟମାନେ ରଞ୍ଜନକୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ଥାନାରେ ୬୦/୨୬ନଂ ମାମଲା ରୁଜୁ ହୋଇଥିଲା। ପୁଲିସ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଘଟଣାର ଆଖିଦେଖା ସାକ୍ଷୀ ନଥିଲା। ସନ୍ଧାନୀ କୁକୁର, ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ଓ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ତଦନ୍ତକାରୀ ଦଳ ହତ୍ୟାକାରୀଙ୍କ ନିକଟରେ ପହଞ୍ଚିଥିଲା। ସନ୍ଦିଗ୍ଧମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ହତ୍ୟାକାରୀମାନଙ୍କୁ ମଙ୍ଗଳବାର ଗିରଫ କରାଯାଇ ହତ୍ୟାରେ ବ୍ୟବହୃତ ପଥର, ୨ଟି ଗିଲବାଡି ଓ ୪ ଟି ମୋବାଇଲ ଫୋନ ଜବତ କରାଯାଇଥିଲା । ବୁଧବାର ସନ୍ଧ୍ୟାରେ ହତ୍ୟାକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ମଧ୍ୟରୁ ନାବାଳିକା ହତ୍ୟାକାରୀ ୨ ଜଣଙ୍କୁ ଜୁଭେନାଇଲ ହୋମକୁ ପଠାଯାଉଥିବା ଜଣାଯାଇଛି ।

# ସାରେଣ୍ଡା ଓ ସମ୍ବରବିନ୍ଧା ଗ୍ରାମକୁ ମୋ ବସ ସେବା କେବେ?

**ଖଣ୍ଡପଡ଼ା, ୧୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ଯାତାୟତ କରୁଥିବା 'ମୋ ବସ' ସେବାରୁ ଖଣ୍ଡପଡ଼ା ବ୍ଲକ ଅଧୀନ ସିଙ୍ଘାପଡା ପଞ୍ଚାୟତର ଏକାଧିକ ଗ୍ରାମର ବାସିନ୍ଦା ବଞ୍ଚିତ ହୋଇଥିବା ଜଣାପଡିଛି । ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ, ପାହାଡ ଘେରା ଅଞ୍ଚଳରେ ବାସ କରୁଥିବା ସାରେଣ୍ଡା, ସମ୍ବରବିନ୍ଧା, ରୁପାପଲ୍ଲୀ, କନ୍ଧ ନୂଆଗାଁ, ନୂଆପଲ୍ଲୀ, ପେଟାପଲ୍ଲୀ, ସାନ ଖଜୁରିଆ,ବଡ ଖଜୁରିଆ, ଟିକିରିବାରୀ, ବଡଝାର, କୁଟୁଣିଶିରା, ବୁଢିଝରି, ହରିହରପ୍ରସାଦ, କଣ୍ଟାବଣିଆ ଓ ଆଖପାଖ ଗ୍ରାମର ଜନସାଧାରଣ ମୋ ବସ ସେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି । ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଉକ୍ତ ଗ୍ରାମଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ କରିଥିଲେ ହେଁ ଅଦ୍ୟାବଧି ଉକ୍ତ ରାସ୍ତାଦେଇ ମୋ ବସ ସେବା ଉପଲବ୍ଧ ନ ହେବା ପରିତାପର ବିଷୟ ଅଟେ । ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ଜିଲ୍ଲାପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିନା ଯନ୍ତ୍ରୀରେ ଚାଲିଛି ଉନ୍ନୟନ କାମ



**ଅସ୍ତରଙ୍ଗ, ୧୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ବନଖଣ୍ଡ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ବନାଞ୍ଚଳ ଅଧୀନରେ ଥିବା ପୀର ଜାହାନିଆଁ ଠାରେ ନୂତନ ଭାବେ ତିଆରି ହେଉ ଥିବା ଗୃହକୁ କୌଣସି ଯନ୍ତ୍ରୀ ଆସୁନଥିବା ଦେଖିବାକୁ ମିଳିଛ । ସୂଚନା ମୁତାବକ ପୀର ଜାହାନିଆଁ କାର୍ଯ୍ୟାଳୟ ନିକଟରେ ପ୍ରାୟ ୧୭ ଲକ୍ଷ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ ହେଉଛି । କିନ୍ତୁ ସେହି କାମକୁ ଜଣେ ଠିକାଦାର ନିଯୁକ୍ତି ହୋଇଛନ୍ତି ଉକ୍ତ କାର୍ଯ୍ୟ ଚାଲୁ ରହିଅଛି । କିନ୍ତୁ ସେଠାକୁ କୌଣସି ଯନ୍ତ୍ରୀ ଆସୁନଥିବା ଜାଣି ପଚାରିବାରୁ ଜାଣିବାକୁ ମିଳିଲା ଏହି କାମରେ ଯନ୍ତ୍ରୀ କେହି ନାହାନ୍ତି । ଏ ସମ୍ପର୍କରେ ବନପାଳ କାଳିଚରଣ ମହାନ୍ତିଙ୍କୁ ପଚାରିବାରୁ ଏହି କାମରେ ଆମର କେହି ଯନ୍ତ୍ରୀ ନାହାନ୍ତି ଆମେ (ମୁଁ) ଦେଖୁଛି ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ସମସ୍ତ ସରକାରୀ ଉନ୍ନୟନ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ଯନ୍ତ୍ରୀ ନିଯୁକ୍ତ ହୋଇଛନ୍ତି । ତେବେ ବନ ବିଭାଗରେ ଏତେ ଟଙ୍କାର କାମକୁ କିପରି ଭାବେ ଦେଖାଶୁଣା କରିବାକୁ ଯନ୍ତ୍ରୀ ନାହାନ୍ତି ଏବଂ ଜଣେ ବନପାଳ କିପରି ନିର୍ମାଣ ଅଭିଜ୍ଞତା ନ ଥାଇ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ରାଜ୍ୟ ରାଜକୋଷରୁ ବ୍ୟୟ ହେଉଥିବା ଅର୍ଥକୁ କିଭଳି ଭାବେ ବାଟମାରଣା ହେବ ତାହା ସ୍ୱଷ୍ଟ ଅନୁମାନ କରାଯାଉଛି । ଉକ୍ତ ନିର୍ମାଣ କାର୍ଯ୍ୟର ମାନ, ଗୁଣବତ୍ତା ଓ ସ୍ଥାୟୀତ୍ୱ କେବଳ ଠିକାଦାର ହାତରେ ଟେକି ଦିଆଯାଇଛି । ଏ ସମ୍ପର୍କରେ ରାଜ୍ୟ ସରକାର ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଖୁଣ୍ଟାପୁର ଡକାୟତ ଘଟଣା : ସନ୍ଦେହରେ ୬ ଅଟକ

**ବୈଶିଙ୍ଗା, ୧୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଗ୍ରାମରେ ଗତ ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ଘଟିଯାଇଥିବା ସଶସ୍ତ୍ର ଡକାୟତି ଘଟଣାରେ ଜଣେ ଡକାୟତକୁ ଗ୍ରାମବାସୀ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ଏସଡିପିଓ ମିନତୀ ବିଶ୍ୱାଳଙ୍କ ହସ୍ତକ୍ଷେପ ବଳରେ ୬ଜଣଙ୍କୁ ଅଟକ ରଖା ଯାଇଥିବାର ଅସମର୍ଥିତ ସୂତ୍ରରୁ ପ୍ରକାଶ ।

ଘଟଣାରୁ ପ୍ରକାଶ ଖୁଣ୍ଟାପୁର ଗ୍ରାମର ସାମ୍ବାଦିକ ସଞ୍ଜୟ କୁମାର ମିଶ୍ରଙ୍କ ସାନଭାଇ ଶିକ୍ଷକ ଚିନ୍ମୟ କୁମାର ମିଶ୍ର ଘରେ ଏକୁଟିଆ ଥିବାର ଜାଣି ୮ ଜଣ ସଶସ୍ତ୍ର ଡକାୟତ ସନ୍ଧ୍ୟା ୭ଟା ସମୟରେ ତାଙ୍କ ଘରେ ପହଞ୍ଚି ଶିକ୍ଷକଙ୍କର ପୁଅ ପୂର୍ଣ୍ଣେନ୍ଦୁ କାହିଁ ଆମେ ମାଛ ଖାଦ୍ୟ ନେବୁ । ଏହା ଶୁଣି ବାପା ଚିନ୍ମୟ କହିଲେ ପୁଅ ନାହିଁ ପରେ ଆସ । ଏହି ସମୟରେ ଅନ୍ୟ ଡକାୟତମାନେ ଚିନ୍ମୟଙ୍କର ପାଟିରେ ଜରିବୁରା ପୁରାଇ ପାଟି ବନ୍ଦ କରିଦେବା ସହିତ ହାତ ଗୋଡ ବାନ୍ଧି ଆଲମିରାରେ ଥିବା ଲକ୍ଷାଧିକ ସୁନା ଅଳଙ୍କାର ଲୁଟି ନେଇଥିଲେ । ଡକାୟତମାନେ ପଳାଇଯିବା ପରେ ହାତଗୋଡ ବନ୍ଧା ଅବସ୍ଥାରେ ଘୁଷୁରି ଘୁଷୁରି ଘରୁ ବାହାରି ଚିନ୍ମୟ ଡାକ ପକାଇଥିଲେ । ଶବ୍ଦ ଶୁଣି ପଡୋଶୀମାନେ ଡକାହକା ହୋଇ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପହଞ୍ଚିଥିଲେ । ପୋଲିସର ନିଷ୍କ୍ରିୟତା ପାଇଁ ବୈଶିଙ୍ଗା ଥାନାଧିକାରୀ ହାଏ ହାଏ, ବିଧାୟକ ହାଏ ହାଏରେ ପ୍ରକମ୍ପିତ ହୋଇ ଯାଇଥିଲା । ଅବସ୍ଥା ଅଣାୟତ୍ତ ହେବାରୁ ଏସଡିପିଓ ମିନତୀ ବିଶ୍ୱାଳ ଏକ ପ୍ଲାଟୁନ ଫୋର୍ସ ସହିତ ରାତି ୯ଟାରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ କବଳରୁ ଜଣେ ଡକାୟତକୁ ନେଇ ଆସିବା ସହିତ ଗୃହକର୍ତ୍ତା ଚିନ୍ମୟଙ୍କୁ ଗୁରୁତର ଥିବା ଜାଣି ବାଲେଶ୍ୱର ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ବୁଧବାର ପୁଲିସ ସରଜମିନ ତଦନ୍ତ କରିବା ସହିତ ସାଇଣ୍ଟିଫିକ ଟିମ୍ ପହଞ୍ଚି ବିଭିନ୍ନ ସ୍ଥାନରେ ଫଟ ଉଠାଇ ପ୍ରମାଣ ନେଇଥିଲେ । ଧରାପଡିଥିବା ଡକାୟତ ନିକଟରୁ ମିଳିଥିବା ମୋବାଇଲ ଫୋନ ବଳରେ ଏସଡିପିଓ ମିନତୀ ବିଶ୍ୱାଳ ଅନ୍ୟମାନଙ୍କୁ ଠାବ କରିଥିବା ସହିତ ୪୮ ଘଣ୍ଟା ମଧ୍ୟରେ ସମସ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯିବ ବୋଲି ପ୍ରକାଶ କରିଥିଲେ ।

# ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଖାଲଖମା

**ଢେଙ୍କାନାଳ, ୧୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୁଣାକଟକ–ସମ୍ବଲପୁର ରାସ୍ତାର ବହୁ ସ୍ଥାନରେ ଖାଲଖମା ହୋଇରହିଛି। ଯେଉଁଥିପାଇଁ ଦୈନନ୍ଦିନ ଦୁର୍ଘଟଣାମାନ ଘଟୁଛି । ସୂଚନା ଅନୁଯାୟୀ ପୁରୁଣା–କଟକ–ସମ୍ବଲପୁର ରାସ୍ତାର ଆଠଗଡ଼ ଠାରୁ ମହିଧରପୁର ପର୍ଯ୍ୟ' ଦୀର୍ଘଦିନ ଧରି ରାସ୍ତା ଖାଲଖମା ହୋଇ ପଡ଼ିରହିଛି । ଯାହାଫଳରେ ପ୍ରତ୍ୟେକଦିନ ସେହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । କିଛି ବର୍ଷ ପୂର୍ବେ ସେହି ରାସ୍ତାର ସୁକିଆବାଉତୀ ମନ୍ଦିର ନିକଟସ୍ଥ ଅନ୍ଧାରୀ ଠାରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା । ଯେଉଁଥିରେ ମାଆର ଆଖି ସାମ୍ନାରେ ତାର ଦୁଇ ଝିଅଙ୍କ ଉପରେ ଗାଡ଼ି ଚଢ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା । ସୌଭାଗ୍ୟବଶତଃ ମାଆ ଅଳ୍ପକେ ବର୍ତ୍ତି ଯାଇଥିଲା । ଏହି ଦୁର୍ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଲୋକମାନେ ରାସ୍ତାକୁ ଅବରୋଧ କରିବା ସହ କିଛିଟା ଦାବି ପ୍ରଶାସନ ନିକଟରେ ରଖିଥିଲେ। ଦାବି ଗୁଡ଼ିକ ମଧ୍ୟରେ ସେହି ରାସ୍ତାରେ ଭାରିଯାନ ଚଳାଚଳକୁ ବନ୍ଦ୍ କରିବା ସବୁଠାରୁ ମୁଖ୍ୟ ଦାବିଥିଲା । ଯାହାକି ପ୍ରଶାସନ ସେତେବେଳେ ସେହି ଦାବିକୁ ମାନି ନେଇଥିଲା । କିନ୍ତୁ କିଛିଦିନ ପରେ 'ଯଥା ପୂର୍ବଂ ତଥା ପରଂ' ଭଳି ପୁଣି ବଡ଼ ଗାଡ଼ି ଚାଲିବା ଆରମ୍ଭ କଲା। ଏବେ ନିକଟରେ ମଧ୍ୟ ଏକ ବଡ଼ ଦୁର୍ଘଟଣା ନାଉକିଆରୀ ଶ୍ମଶାନ ଠାରେ ଘଟିଥିଲା। ଯେଉଁଥିରେ ଜଣେ ଯୁବକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଦୀର୍ଘ ୧୫ ଦିନରୁ ଉର୍ଦ୍ଧ୍ୱ ହେଲାଣି କିନ୍ତୁ ଏବେବି ମେଡିକାଲରେ ମରଣ ସହ ସଂଘର୍ଷ କରୁଛି । ଏପରି ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେହି ଖାଲଖମା ରାସ୍ତାର ମରାମତି କରାଯାଉନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବଡ଼ ଦୁଃଖ ଆଉ ପରିତାପର ବିଷୟ କି ସେହି ପୁରୁଣା–କଟକ–ସମ୍ବଲପୁର ରାସ୍ତାଦେଇ ପ୍ରତ୍ୟେକ ଦିନ ନେତା, ମନ୍ତ୍ରୀ ଓ ଅଫିସର୍ ଚଳପ୍ରଚଳ କରୁଥିଲେ ମଧ୍ୟ କାହାର ନଜର ଖାଲଖମା ରାସ୍ତା ଉପରେ ପଡୁନାହିଁ । ଏଥିପ୍ରତି ବିଭାଗୀୟ କତୃପକ୍ଷ ଦୃଷ୍ଟି ଦେଇ ଯଥାଶୀଘ୍ର ଖାଲଖମା ରାସ୍ତାର ମରାମତି କାର୍ଯ୍ୟ କରିବା ପାଇଁ ପଥଚାରୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ମହଙ୍ଗରୁ ହରିଣ ଉଦ୍ଧାର

**ନିଆଳୀ, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ଅଁଳ ପଞ୍ଚାୟତ ମହଙ୍ଗ ଗ୍ରାମରେ ୪୦ କେଜିରୁ ଉର୍ଦ୍ଧ୍ୱ ଏକ ଅଣ୍ଡିରା ହରିଣକୁ ଗ୍ରାମବାସୀ କାବୁ କରି ସଦର ଏସଡିପିଓ ବିଜୟକୁମାର ମଲିକଙ୍କୁ ଖବର ଦେଇଥିଲେ । ଶ୍ରୀ ମଲିକ ନିଆଳୀ ବନ ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ନିଆଳୀ ଫରେଷ୍ଟର ଧନେଶ୍ୱର ସାହୁ, ଫରେଷ୍ଟ ଗାର୍ଡ ଗୋଲେଖ ମାହାଲି ଓ ପାରା ଫରେଷ୍ଟ କର୍ମଚାରୀ ଉତ୍କଳ କେଶରୀ ବେହେରା ପହଁଚି ହରିଣକୁ ଉଦ୍ଧାର କରିବା କଣ୍ଟାପଡା ପ୍ରାଣୀ ଚିକିତ୍ସା ଅଧିକାରୀ ମୃତ୍ୟୁଞ୍ଜୟ ବେଉରା ହରିଣର ଚିକିତ୍ସା କରିଥିଲେ । ସମ୍ପୂର୍ଣ୍ଣ ଭଲ ଥିବା କହିବା ପରେ ବନ ବିଭାଗ ଅଧିକାରୀ କହିବା ପରେ ଖୋର୍ଦ୍ଧା ଜିଲ୍ଲା ଭରତପୁର ଜଙ୍ଗଲରେ ଛାଡିଥିଲେ । ବନ ବିଭାଗଙ୍କ କହିବା କଥା ପୁରୀ ଜିଲ୍ଲା ଗୋପ ଜଙ୍ଗଲରୁ ଆସିଥିବା ଅନୁମାନ କରୁଛୁ ।

# ନେସ୍କୋ ଲଗାଇଥିବା ଶସ୍ତା ଚାଇନା ଡିଜିଟାଲ ମିଟର ପାଇଁ ଉପଭୋକ୍ତା ଦଣ୍ଡିତ

**ବେତନଟୀ, ୧୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବିଦ୍ୟୁତ ଉପଖଣ୍ଡ ଅଧିନରେ ସେତେବେଳର ବିଦ୍ୟୁତ ବିତରଣ ସଂସ୍ଥା ନେସ୍କୋ ପୂର୍ବରୁ ଓଡିଶା ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ (ଓଏସଇବି)ର ଲାଗିଥିବା ମିଟରକୁ ହଟାଇ ଶସ୍ତା ଚାଇନା ଡିଜିଟାଲ ମିଟର ଉପଭୋକ୍ତାମାନଙ୍କ ଘରେ ଲଗାଇଥିଲା । ନେସ୍କୋର ଏହି ଚାଇନା ମେଡ ଡିଜିଟାଲ ମିଟର ଗୁଡିକର ବୈଷୟିକ ନିର୍ମାଣଗତ ତ୍ରୁଟି ଥିବା ଯୋଗୁଁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢିଥିଲା ଏବଂ ଅନେକ ମିଟରରେ ଅତ୍ୟଧିକ ୟୁନିଟ ଅନିୟମିତ ଭାବେ ପ୍ରତି ମାସ ବଢୁଥିବା ଉପଭୋକ୍ତାମାନେ ଅଭିଯୋଗ କରି ଆସୁଥିଲେ । ହେଲେ ନେସ୍କୋ କର୍ତ୍ତୃପକ୍ଷ ଯେହେତୁ ଓଡ଼ିଶା ସରକାରଙ୍କ ବିଦ୍ୟୁତ ବିଭାଗ ଠାରୁ ଚୁକ୍ତି ଭିତ୍ତିକ ସୂତ୍ରରେ ବିତରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ ଏବଂ ଓଡିଶା ସରକାରଙ୍କ ଶକ୍ତି ବିଭାଗ ନେସ୍କୋ ଉପରେ ସଂପୂର୍ଣ୍ଣ ନ୍ୟସ୍ତ କରି ଦେଇଥିବାରୁ ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ଦିଗରେ ଆଦୌ ଗୁରୁତ୍ୱ ପ୍ରଦାନ କରା ଯାଉ ନଥିଲା । ଯାହା ଫଳରେ ଶିଳ୍ପ ଅନୁଷ୍ଠାନଠାରୁ ଘରୋଇ ଉପଭୋକ୍ତାମାନେ ନେସ୍କୋ ଦ୍ୱାରା ଶୋଷଣର ଶିକାର ହେବା ସହିତ ଅଭିଯୋଗକାରୀ ଉପରେ ନେସ୍କୋ ପକ୍ଷରୁ ନିଯୁକ୍ତ ଭ୍ରାମ୍ୟମାଣ ସ୍କ୍ୱାର୍ଡଗୁଡିକ ଆଖିବୁଜା ଅର୍ଥ ଜରିମାନା କରୁଥିବା ଯୋଗୁଁ ଅନେକ ଉପଭୋକ୍ତା



ସେମାନଙ୍କର ତ୍ରୁଟି ସଂପର୍କରେ ଅଭିଯୋଗ କରିବା ପାଇଁ ସାହସ ଯୁଟାଇ ପାରୁ ନଥିଲେ । ଏପରି କେତେକ ଗୁରୁତର ତ୍ରୁଟି ଓ ଚାଇନା ଡିଜିଟାଲ ମିଟର ଘରେ ଲଗା ଯାଇଥିବା ହେତୁ ଉପଭୋକ୍ତାମାନେ ମାସିକ ବିଲ ଦେବା ସତ୍ତ୍ୱେ ଏରିଅର ବିଲର ନୋଟିସ ମଧ୍ୟ ପାଇ ଆସୁଥିଲେ । ଏହି ଏରିଅର ବିଲ ସଂପର୍କରେ ଉପଭୋକ୍ତା ମାନେ ଷ୍ଟେଟମେଣ୍ଟ ପାଇଁ ଆବେଦନ କରିବା ସତ୍ତ୍ୱେ ନେସ୍କୋ କର୍ତ୍ତୃପକ୍ଷ ଏହା ପ୍ରଦାନ ନ କରି ବକେୟା ବିଲ ପ୍ରଦାନ କରି ଆସୁଥିଲେ । ଏହା ପରେ ୨୦୨୨ରେ ନେସ୍କୋ କର୍ତ୍ତୃପକ୍ଷଙ୍କ ସହିତ ଓଡ଼ିଶା ସରକାରଙ୍କର ଏଗ୍ରିମେଣ୍ଟ ବାତିଲ କରି ପୁଣି ଟାଟା ପାୱାର ସହିତ ଏଗ୍ରିମେଣ୍ଟ ହେବା ପରେ ଉତ୍ତର ଓଡିଶାର ଯାଜପୁର ଭଦ୍ରକ ବାଲେଶ୍ୱର ମୟୂରଭଞ୍ଜ ଓ କେନ୍ଦୁଝର ଏହି ପାଞ୍ଚଟି ଜିଲ୍ଲାର ବିତରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଟିପିଏନଓଡିଏଲ ହାତରେ ସମର୍ପଣ କରାଯାଇଛି । ଏହା ସହିତ ସାରା ଓଡ଼ିଶାର ବିଦ୍ୟୁତ ସେବା ମଧ୍ୟ ଟାଟା ପାୱାର ହାତରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଟେକି ଦେଇଛି । ଗତ ସରକାରଙ୍କ ସମୟରେ ନେସ୍କୋ ତ୍ରୁଟିପୂର୍ଣ୍ଣ ମିଟର ପାଇଁ ଉପଭୋକ୍ତାମାନଙ୍କ ଉପରେ ରହି ଆସିଥିବା ବକେୟା ବିଦ୍ୟୁତ ଦେୟର ଦାବିଦାର ଯଦିଓ ଟାଟା ପାୱାର ନୁହେଁ ତଥା ଏହା ଉତ୍ତରାଧିକାରୀ ସୂତ୍ରରେ ପାଇ ଥିବାରୁ ନେସ୍କୋର ବାକିଥିବା ଦେୟ ଆଦାୟ ପାଇଁ ଏବେ ଟାଟା ପାୱାର ପକ୍ଷରୁ ନୋଟିସ ଜାରି କରାଯିବା ସହିତ ପନ୍ଦର ଦିନ ଅବଧି ମଧ୍ୟରେ ହଜାର ହଜାର ଟଙ୍କାର ଦେୟ ପୈଠ ନକଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବାର ଧମକ ଦିଆ ଯାଇଛି । ପୁଣି ଏହି ନିୟମ ବିଦ୍ୟୁତ ନିୟାମକ ଆୟୋଗ ପରିବଣ୍ଟନ (ଯୋଗାଣ ସର୍ତ୍ତାବଳୀ) ସଂହିତାର ନିୟମ ୧୦୦ ସହିତ ପଠନୀୟ ବିଦ୍ୟୁତ ଆଇନ ୨୦୦୩ ଧାରା ୫୬ (୧) ଅନୁଯାୟୀ ଜାରି କରାଯାଇ ଥିବା କୁହାଯାଇଛି । ନୋଟିସ ଜାରି ହେବାର ପନ୍ଦର ଦିନ ମଧ୍ୟରେ ପୈଠ କରା ନ ଗଲେ ବିଦ୍ୟୁତ ସଂଯୋଗ ପରବର୍ତ୍ତୀ ନୋଟିସ ବିନା ବିଚ୍ଛିନ୍ନ କରି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି । ଏଣୁ ସାଧାରଣ ଉପଭୋକ୍ତାମାନେ ପ୍ରଥମେ ରିଲାଏନ୍ସର ନେସ୍କୋ ଏବଂ ପରେ ଟାଟା ପାୱାର ଶୋଷଣରୁ କିପରି ରକ୍ଷା ପାଇବେ ବୋଲି ଏବେ ଏହା ବେତନଟୀ ଉପଖଣ୍ଡରେ ମୁଖ୍ୟ ପ୍ରଶ୍ନ ହୋଇଛି ।

ପ୍ରକୃତି, ପରିବେଶ ଏବଂ ଜଳବାୟୁ ତା'ର ସନ୍ତୁଳନ ହରାଇବାରେ ଲାଗିଛି । ନଈ ଶୁଖିଗଲାଣି । ଖବରରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଖଣ୍ଡାଧାର ଜଳପ୍ରପାତ ଶୁଖିଗଲାଣି । ଏଠି ବର୍ଷ ତମାମ ପାହାଡ଼ ଶିଖରରୁ ପାଣି ତଳକୁ ଖସୁଥାଏ । ଜଳପ୍ରପାତରେ ଇନ୍ଦ୍ରଧନୁର ଛଟା ସୃଷ୍ଟି ହୁଏ । ଏହାକୁ ଦେଖିବାକୁ ପର୍ଯ୍ୟଟକମାନେ ଆସନ୍ତି ଏଠାକୁ । ଏବେ ଧୀରେ ଧୀରେ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି । କାରଣ ଖଣ୍ଡାଧାର ଜଳପ୍ରପାତ ହିଁ ସେଠିକାର ମୁଖ୍ୟ ଆକର୍ଷଣ ଥିଲା । ଜଳପ୍ରପାତ ଶୁଖିଯିବା ପର୍ଯ୍ୟଟନ ଶିଳ୍ପକୁ ନିଶ୍ଚିତ ଭାବରେ କ୍ଷତି ପହଞ୍ଚାଇବ ।




# ଓଡ଼ିଶା ଏକ୍ସପ୍ରେସ୍


## ହାତୀ-ମଣିଷ ସଂଘାତ ଲାଗି ରହିଛି

ଆମ ରାଜ୍ୟରେ ଏଇ କିଛି ବର୍ଷ ଧରି ହାତୀ-ମଣିଷ ସଂଘାତ ଲାଗି ରହିଛି । ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି ହାତୀ ଉପଦ୍ରବ । ସାରା ବର୍ଷର ଶ୍ରମ ଅନେକ ସମୟରେ ହାତୀ ଖୋଜ ତଳେ ମୂଲ୍ୟହୀନ ହୋଇପଡୁଛି । ଅନ୍ୟପଟେ ବିଭିନ୍ନ କାରଣରୁ ହାତୀଙ୍କର ମଧ୍ୟ ମୃତ୍ୟୁ ଘଟୁଛି । ରେଳ ଲାଇନ୍ ପାର ହେବା ସମୟରେ ରେଳ ଧକ୍କାରେ, ବିଦ୍ୟୁତ୍ ସଂସ୍ପର୍ଶରେ ପୁଣି କେତେବେଳେ ହାତୀଦାନ୍ତ ପାଇଁ ଶିକାରିଙ୍କ ଶିକାର ମଧ୍ୟ ହେଉଛନ୍ତି ହାତୀମାନେ ।

ହାତୀକୁ ଐତିହ୍ୟ ପ୍ରାଣୀର ମାନ୍ୟତା ଦିଆଯାଇଛି । ତେଣୁ ହାତୀ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର । ବର୍ତ୍ତମାନ ପୃଥିବୀରେ ଜୀବିତ ଥିବା ଏକମାତ୍ର ବିଶାଳ କାୟାର ସ୍ଥଳଚର ପ୍ରାଣୀ ହେଉଛି ହାତୀ । ଡାଇନୋସର ଭଳି ହାତୀ ଯେ ଦିନେ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ହୋଇଯିବ- ଏଭଳି ଆଶଙ୍କାକୁ ବୋଧେ ଏଡ଼େଇ ଦିଆଯାଇନପାରେ । କିନ୍ତୁ ଏ ଦିଗକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ ହାତୀକୁ ସୁରକ୍ଷା ଦେବାକୁ ଯାଇ ମଣିଷ କିଭଳି ଅସୁରକ୍ଷିତ ନୁହଁନ୍ତି ।

ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ । ଏଠିକାର ୭୦ ରୁ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି । ଆମ ରାଜ୍ୟ ଏବେ ଧାନରେ ବଳକା ରାଜ୍ୟ ଭାବେ ପରିଚିତ, ତେଣୁ ଚାଷକୁ କିଭଳି ହାତୀଙ୍କ କବଳରୁ ରକ୍ଷା କରାଯାଇପାରିବ ସେ ଦିଗକୁ ମଧ୍ୟ ସରକାର ଗୁରୁତ୍ୱ ଦେବା ଦରକାର । କେବଳ କିଛି କ୍ଷତିପୂରଣ ଦେଇଦେଲେ ଯେ ଏ ସମସ୍ୟାର ସମାଧାନ ହୋଇଯିବ ଏକଥା ଚିନ୍ତା କରିବା ଉଚିତ୍ ନୁହେଁ ।

ସହର କାୟା ବିସ୍ତାର କରିଚାଲିଛି । ସହର ଜଙ୍ଗଲ ଆଡ଼କୁ ମାଡ଼ି ଚାଲିଛି । କଳକାରଖାନା ଏବଂ ବିକାଶ ପାଇଁ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି । ଫଳରେ ହାତୀଙ୍କ ବିଚରଣ ପରିସୀମା କମିଆସିଲାଣି । ଏଇ କାରଣରୁ ହିଁ ହାତୀମାନେ ସହରମୁହାଁ ହେଉଛନ୍ତି । ଯେଉଁଠି ସେମାନେ ବିଚରଣ କରୁଥିଲେ ଖାଦ୍ୟ ଏବଂ ପାଣି ପାଇଯାଉଥିଲେ ସେସବୁ ଆଉ ସେମାନଙ୍କୁ ମିଳୁନି ସେଠି, ତେଣୁ ସେମାନେ ଜନବସତିମୁହାଁ ହେଉଛନ୍ତି ।

ପ୍ରକୃତି, ପରିବେଶ ଏବଂ ଜଳବାୟୁ ତା'ର ସନ୍ତୁଳନ ହରାଇବାରେ ଲାଗିଛି । ନଈ ଶୁଖିଗଲାଣି । ଖବରରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଖଣ୍ଡାଧାର ଜଳପ୍ରପାତ ଶୁଖିଗଲାଣି । ଏଠି ବର୍ଷ ତମାମ ପାହାଡ଼ ଶିଖରରୁ ପାଣି ତଳକୁ ଖସୁଥାଏ । ଜଳପ୍ରପାତରେ ଇନ୍ଦ୍ରଧନୁର ଛଟା ସୃଷ୍ଟି ହୁଏ । ଏହାକୁ ଦେଖିବାକୁ ପର୍ଯ୍ୟଟକମାନେ ଆସନ୍ତି ଏଠାକୁ । ଏବେ ଧୀରେ ଧୀରେ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି । କାରଣ ଖଣ୍ଡାଧାର ଜଳପ୍ରପାତ ହିଁ ସେଠିକାର ମୁଖ୍ୟ ଆକର୍ଷଣ ଥିଲା । ଜଳପ୍ରପାତ ଶୁଖିଯିବା ପର୍ଯ୍ୟଟନ ଶିଳ୍ପକୁ ନିଶ୍ଚିତ ଭାବରେ କ୍ଷତି ପହଞ୍ଚାଇବ ।

ପରିବେଶବିତ୍‌ମାନେ ମତ ଦିଅନ୍ତି ବ୍ୟାପକ ଖଣି ଖନନ ପାଇଁ ପ୍ରପାତ ଶୁଖିଯାଉଛି, ଏଥିସହିତ ଶିଳ୍ପ ପାଇଁ ଗଛ କଟାଯିବା ମଧ୍ୟ ପରିବେଶ ସନ୍ତୁଳନକୁ ବିପର୍ଯ୍ୟସ୍ତ କରୁଛି । ପରିବେଶ ଏବଂ ଜୀବଜନ୍ତୁ ଏମାନଙ୍କ ଭିତରେ ସନ୍ତୁଳନ ଆଉ ନାହିଁ । ତେଣୁ ଜୀବଜନ୍ତୁ ବିପଦରେ । ଟେଲି ଯୋଗାଯୋଗ ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ସିଗ୍‌ନାଲ ଚଢ଼େଇ ଏବଂ କୀଟପତଙ୍ଗଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଇ କାରଣରୁ ବାୟା ଚଢ଼େଇ ସଂଖ୍ୟା କମିବାରେ ଲାଗିଛି । କାଁ ଭାଁ ବାୟା ଚଢ଼େଇ ଦେଖିବାକୁ ମିଳୁଛି ।

ଏକ ଖବରରୁ ଜଣାଯାଇଛି ଖୋର୍ଦ୍ଧା ଜିଲ୍ଲାରେ ବିଗତ ଚାରିବର୍ଷ ଭିତରେ ହାତୀ ଆକ୍ରମଣରେ ୨୫ଜଣଙ୍କ ମୃତ୍ୟୁ ଘଟିଛି, ୨୦୦ ଆହତ ହୋଇଛନ୍ତି । ହାତୀ ଆକ୍ରମଣରେ ମୃତାହତ ପରିବାର ଲୋକଙ୍କୁ ସରକାର କ୍ଷତିପୂରଣ ମଧ୍ୟ ଦେଉଛନ୍ତି, ଏଥିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି, ଅଥଚ ହାତୀ କିଭଳି ଜନବସତି ଆଡ଼କୁ ନ ଆସିବେ ସେ ଦିଗକୁ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ । ବ୍ୟାପକ ସହରୀକରଣ ଏବଂ ଜଙ୍ଗଲ ଜମିରେ ବିକାଶ ସ୍ଥିତି ଜମେଇବା କାରଣରୁ ହିଁ ହାତୀ ଉପଦ୍ରବ ବଢ଼ିଛି । ତେଣୁ ଉଭୟ ହାତୀ ଏବଂ ମଣିଷକୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି ।

# ଭଗବାନ ଶିବ ଓ ମହାଶିବରାତ୍ରି



## ଜିଜ୍ଞାସା

ନିରଞ୍ଜନ ଶତପଥୀ

ଆମ ଦେଶ ଭାରତବର୍ଷ ଏକ ମହାନ ତଥା ଆଧ୍ୟାତ୍ମିକ ଦେଶ ଭାବରେ ବହୁ ପୁରାତନ କାଳରୁ ପରିଚିତ ହୋଇଆସୁଛି । ଏହି ଦେଶରେ ବିଭିନ୍ନ ସମୟରେ ବିଭିନ୍ନ ପର୍ବ ବିପୁଳ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଆସୁଅଛି । ଏହି ପର୍ବଗୁଡ଼ିକ ମଧ୍ୟରେ ଅନେକ ଆଧ୍ୟାତ୍ମିକ ପର୍ବ ଭାବରେ ପାଳନ କରାଯାଉଛି । କେତେକ ଦେବଦେବୀଙ୍କୁ ଆଧାର କରି ଏହି ଆଧ୍ୟାତ୍ମିକ ପର୍ବ ଗୁଡ଼ଇକର ନାମକରଣ କରାଯାଇଛି । ଏହି ପର୍ବଗୁଡ଼ିକରେ ଦେବଦେବୀମାନଙ୍କୁ ବିଧିବିଧାନରେ ପୂଜାର୍ଚ୍ଚନା କରାଯାଇ କୃପାଲାଭ କରିବା ନିମିତ୍ତ ପ୍ରାର୍ଥନାଞ୍ଜଳୀ ନିବେଦନ କରାଯାଏ । ଏହି ସମୟରେ ପୁରପଲ୍ଲୀଠାରୁ ଆରମ୍ଭ କରି ବଜାର ସହର ପର୍ଯ୍ୟନ୍ତ ସର୍ବତ୍ର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଏହି ଆଧ୍ୟାତ୍ମିକ ପର୍ବଗୁଡ଼ିକ ବିଶେଷ କରି ଗ୍ରାମାଞ୍ଚଳମାନଙ୍କରେ ଗଭୀର ପ୍ରଭାବ ପକାଇଥାଏ । ଗ୍ରାମବାସୀମାନେ ସେମାନଙ୍କର କାମଧନ୍ଦା ଛାଡ଼ି ଏହି ପର୍ବଗୁଡ଼ିକରେ ସକ୍ରିୟ ଅଂଶଗ୍ରହଣ କରି ଏହି ପର୍ବଗୁଡ଼ିକୁ ଅଧିକ ଆକର୍ଷଣୀୟ ଓ ଚିତାକର୍ଷକ କରିଥାନ୍ତି । ସମାଜର ସବୁ ଶ୍ରେଣୀର ଲୋକ ଏହି ପର୍ବଗୁଡ଼ିକରେ ଅଂଶଗ୍ରହଣ କରି ନିଜକୁ ଧନ୍ୟ ମଣିଥାନ୍ତି । ଏଥିପାଇଁ ସରକାରୀ ସ୍ତରରେ ସେହି ଦିନଗୁଡ଼ିକୁ ସରକାର ଛୁଟି ଘୋଷଣା ମଧ୍ୟ କରିଥାନ୍ତି । ଏହି ପର୍ବ ପାଳନ ଅବସରରେ ଗ୍ରାମଗୁଡ଼ିକରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ପର୍ବଗୁଡ଼ିକ ମଧ୍ୟରୁ ଅନେକ ଓଡ଼ିଶାର ନିଜସ୍ୱ ପର୍ବ ଭାବରେ ପରିଚିତ । ଆଉ କେତେକ ପର୍ବ କୃଷି ଉପରେ ଆଧାରିତ ହୋଇଥିବାରୁ ଏଗୁଡ଼ିକୁ କୃଷିଭିତ୍ତିକ ପର୍ବ ଭାବରେ ବର୍ଣ୍ଣନା କରାଯାଏ । ଆଧ୍ୟାତ୍ମିକ ପର୍ବଗୁଡ଼ିକ ମଧ୍ୟରୁ ଶାମ୍ବ ଦଶମୀ, ଶିବରାତ୍ରୀ, ହୋଲି, ରଥଯାତ୍ରା, ଜନ୍ମାଷ୍ଟମୀ, ଦଶହରା, ଗଜଲକ୍ଷ୍ମୀପୂଜା ଇତ୍ୟାଦି ପ୍ରଧାନ । ଆମ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ ।

ଆମ ଦେଶରେ ବିଭିନ୍ନ ଶ୍ରେଣୀର ଉପାସକମାନେ ଅବସ୍ଥାନ କରି ଉପାସନା କରୁଛନ୍ତି । ସେମାନଙ୍କ ମଧ୍ୟରୁ ଶୈବ, ବୈଷ୍ଣବ, ଶାକ୍ତ ଓ ସୌର ଆଦି ପ୍ରଧାନ । ଶୈବମାନେ ହେଉଛନ୍ତି ଶିବ ଉପାସକ । ସେମାନେ ଶ୍ରଦ୍ଧା, ଭାବ, ଭକ୍ତି ଓ ବିଶ୍ୱାସର ସହିତ ଶିବ ଉପାସନା କରି ଅଭୀଷ୍ଟ ପ୍ରାପ୍ତ ହୋଇଥାନ୍ତି । ଶିବ ହେଉଛନ୍ତି ଦେବ ଦେବ ମହାଦେବ । ମହାଦେବଙ୍କ ପୂଜାର୍ଚ୍ଚନା ଆଜିର ନୁହେଁ, ବହୁ ପରାତନ କାଳରୁ ଆମ ଦେଶରେ ଶିବ ପୂଜା ପ୍ରଚଳିତ ଅଛି । ମର୍ଯ୍ୟାଦାପୁରୁଷ ପ୍ରଭୁ ରାମଚନ୍ଦ୍ର ମଧ୍ୟ ଶିବ ପୂଜା କରି କୃପାଲାଭ କରିଥିଲେ । ବିଭିନ୍ନ ପର୍ବଗୁଡ଼ିକ ମଧ୍ୟରୁ ମହାଶିବ ରାତ୍ରି ବା ଜାଗର ଅନ୍ୟତମ । ଏହି ଦିନ ଶିବ ମନ୍ଦିରରେ ଅବସ୍ଥାନ କରିଥାନ୍ତି । ଅନ୍ୟ ଦିନମାନଙ୍କରେ ଶିବ ଶ୍ମଶାନରେ ବାସ କରିଥାନ୍ତି ବୋଲି ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ହୋଇଛି । ଏହି ଦିନ ଶିବ କୃପା ଲାଭ ନିମିତ୍ତ ଶିବ ଭକ୍ତମାନେ ଉପବାସ ରହି ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ କରି ସାରା ରାତି ଉଜାଗର ରହିଥାନ୍ତି । ଏହି ବ୍ରତ ପାଳନ କଲେ ଭକ୍ତର ମନସ୍କାମନା ପୂର୍ଣ୍ଣ ହେବା ସହିତ ଶିବଙ୍କ କୃପାବାରି ବର୍ଷିତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଏହିଦିନ ସମଗ୍ର ଦେଶରେ ଥିବା ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଜମିଥାଏ । ଆମ ଓଡ଼ିଶାରେ ବହୁ ସଂଖ୍ୟାରେ ଶିବ ଭକ୍ତମାନେ ଥିବାର ଜଣାଯାଏ । ଆମ ଓଡ଼ିଶାରେ ବହୁ ସଂଖ୍ୟାର ଶିବ ମନ୍ଦିର ପ୍ରତିଷ୍ଠା ହୋଇଛି । ଗାଁ ଗଣ୍ଡାମାନଙ୍କରେ ଅସଂଖ୍ୟ ଶିବ ମନ୍ଦିର ଥିବାର ଦେଖାଯାଏ । ସୋମବାର ହେଉଛି ଶିବଙ୍କର ପ୍ରିୟବାର। ଏହି ଦିନ ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଜମିଥାଏ । ପ୍ରତି ସୋମବାର ଦିନ ଶିବ ମନ୍ଦିରରେ ମଧ୍ୟ ଅବସ୍ଥାନ କରିଥାନ୍ତି । ମହାଶିବରାତ୍ରି ପର୍ବ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପଡ଼ିଥାଏ । ଏହି ମହାଶିବରାତ୍ରିର ଗୁରୁତ୍ୱ ଓ ମହତ୍ତ୍ୱ ଅଧିକ । ଶିବ କୃପାଲାଭ ନିମିତ୍ତ ଏହି ବ୍ରତ ପାଳନ କରିଥାନ୍ତି । ଶିବଙ୍କୁ ପୂଜାର୍ଚ୍ଚନା ପାଇଁ ଅନେକ ପର୍ବ ରହିଛି । ସେଥିମଧ୍ୟରୁ ଏହି ମହାଶିବରାତ୍ରି ପର୍ବ ସର୍ବ ପ୍ରଧାନ । ଭଗବାନ ବିଷ୍ଣୁଙ୍କ ପରାମର୍ଶ ଅନୁସାରେ ମାଆ ମହାଲକ୍ଷ୍ମୀ ଏହିଦିନ ଏକଶତ ପଦ୍ମଫୁଲରେ ଭାବ, ଭକ୍ତି ଓ ବିଶ୍ୱାସର ସହିତ ଶିବପୂଜା କରି ଅଶେଷ ଫଳ ଲାଭ କରିଥିଲେ । ଆମ ଦେଶରେ କେବେଠାରୁ ଏହି ମହାଶିବରାତ୍ରି ପାଳନ କରାଯାଇଛି ତାହା ସଠିକ୍ ଭାବରେ କହିହେବନାହିଁ । ଏହି ମହାଶିବରାତ୍ରିକୁ ଜାଗର ଯାତ୍ରା ମଧ୍ୟ କୁହାଯାଏ । ଏହିଦିନ ଶିବ ମନ୍ଦିରଗୁଡ଼ିକରେ ଓଁ ନମଃ ଶିବାୟ ଧ୍ୱନୀରେ ପ୍ରକମ୍ପିତ ହୋଇଯାଏ । ବାଳକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଶିବ ମନ୍ଦିରକୁ ଆସି ଶିବଙ୍କୁ ଦର୍ଶନ କରିଥାନ୍ତି ।

ଶିବ ହେଉଛନ୍ତି ପରମ ମଙ୍ଗଳମୟ । ସେ ହେଉଛନ୍ତି ଜ୍ଞାନର ସାଗର, ଶାନ୍ତିର ସାଗର, ସୁଖର ସାଗର ଓ ଆନନ୍ଦର ସାଗର । ସେ ହେଉଛନ୍ତି ଭୋଳାଶଙ୍କର । ତାଙ୍କର କୃପାଲାଭ ନିମିତ୍ତ ମୁନୀଋଷିମାନେ କଠୋର ତପସ୍ୟାରେ ନିମଗ୍ନ ହୋଇଥାନ୍ତି । ଶିବ ହେଉଛନ୍ତି ସମସ୍ତ ଦୁଃଖ ହର୍ତ୍ତା ଓ ସୁଖଦାତା । ସେ ଦେବତାମାନଙ୍କର ରାଜା ନହେଲେ ମଧ୍ୟ ସେ ହେଉଛନ୍ତି ଦେବ ଦେବ ମହାଦେବ । ଅମରକୋଷରେ ବିଷ୍ଣୁଙ୍କର ଏକ ଚାଳିଶ ନାମ ଉଲ୍ଲେଖ କରାଯାଇଥିବା ବେଳେ ଭଗବାନ ଶିବଙ୍କର ଅଠଚାଳିଶଟି ନାମ ଉଲ୍ଲେଖ ରହିଛି । ସେଗୁଡ଼ିକ ହେଉଛି 'ଶମ୍ଭୁରୀଶଃ ପଶୁପତିଃ ଶିବଃ ଶୂଳୀ ମହେଶ୍ୱରଃ। ଈଶ୍ୱରଃ ସର୍ବ ଈଶାନଃ ଶଙ୍କର ଚନ୍ଦ୍ରଶେଖରଃ, ଭୂତେଶଃ ଖଣ୍ଡପରଶୁ ଗିରୀଶୋ ଗିରିଶ ମୃଡ଼ଃ । ମୃତ୍ୟୁଞ୍ଜୟ କୃତ୍ତିବାସଃ ପିନାକୀ ପ୍ରଥମାଧିପଃ । ଉଗ୍ରଃ କର୍ପର୍ଦ୍ଦୀ ଶ୍ରୀକଣ୍ଠ ଶୀତିକଣ୍ଠଃ କପାଳଭୃତ । ବାମଦେବୋ ମହାଦେବେ ବିରୂପାକ୍ଷ ତ୍ରିଲୋଚନଃ । କୃଶାନୁରେତାଃ ସର୍ବଜ୍ଞୋ ଦୁର୍ଦ୍ଧଟୀର୍ନୀକ ଲୋହିତଃ । ହରଃ ସ୍ମରହରେ ଗର୍ଭଗ୍ୟମ୍ବକ ସ୍ୱପୁରାତନ୍ତକଃ ।' ଶିବଙ୍କୁ ଆଦିଗୁରୁ ବା ପ୍ରଥମ ଗୁରୁ ଯାହାଙ୍କଠାରୁ ପ୍ରଥମ ଜ୍ଞାନ ଉତ୍ପତ୍ତି ଲାଭ କରିଛି । ଭଗବାନ ଶିବ ହଜାର ହଜାର ବର୍ଷ ଧରି ଧ୍ୟାନମଗ୍ନ ହେବା ପରେ ଏପରି ଏକ ଦିନ ଆସିଲା ଯେ ସେ ସ୍ଥିର ହୋଇଗଲେ । ସେ ଯେଉଁଦିନ ସ୍ଥିର ହୋଇ ରହିଯାଇଥିଲେ ସେହିଦିନକୁ ମହାଶିବରାତ୍ରି ଭାବରେ ବର୍ଣ୍ଣନା କରାଯାଇଛି । ସର୍ବଯୋଗ ଓ ସର୍ବସିଦ୍ଧିର ଅଧିପତି ହେଉଛନ୍ତି ଦେବ ଦେବ ମହାଦେବ । ତାଙ୍କର ଅନ୍ୟ ଏକ ନାମ ହେଉଛି ପଶୁପତି । ହେଉଛନ୍ତି ସକଳ ଜ୍ଞାନ ଓ ଦର୍ଶନର ଅଧିପତି । ପ୍ରତ୍ୟେକ ଦେବୀଙ୍କ ବାହନ ରହିଛି । ଭଗବାନ ଶିବଙ୍କର ବାହନ ହେଉଛି ବୃଷଭ । ତାଙ୍କର ବେକରେ ସର୍ପ ଥିବାରୁ ତାଙ୍କର ଅନ୍ୟ ନାମ ଫଣିଭୂଷଣ ବୋଲି କୁହାଯାଏ । ଆହୁରି ମଧ୍ୟ ସେ ମୃତ୍ୟୁକୁ ଜୟ କରିଥିବାରୁ ତାଙ୍କୁ ମୃତ୍ୟୁଞ୍ଜୟ କୁହାଯାଏ । ତାଙ୍କର ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କଲେ ସର୍ବାର୍ଥ ସିଦ୍ଧ ହୋଇଥାଏ । ଏହି ମହାମୃତ୍ୟୁଞ୍ଜୟ ମନ୍ତ୍ର ଅତ୍ୟନ୍ତ ଶକ୍ତିଶାଳୀ ଓ ପ୍ରଭାବଶାଳୀ । ଏହି ମନ୍ତ୍ର ପାଠ କଲେ ସମସ୍ତ ବିପଦ ବିଦୂରିତ ହୋଇଯାଏ ବୋଲି ବିଶ୍ୱାସ କରାଯାଏ । ଭଗବାନ ଶିବଙ୍କୁ ମଧ୍ୟ ମହାଯୋଗେଶ୍ୱର ଭାବରେ ବର୍ଣ୍ଣନା କରାଯାଇଛି । ସେ ଭକ୍ତମାନଙ୍କର ସମସ୍ତ ପ୍ରକାର ବିଘ୍ନ ନାଶ କରି ସୁଖ ପ୍ରଦାନ କରିଥାନ୍ତି । ସେସବୁ ସମୟରେ ତପସ୍ୟାରେ ରତ ଥାଆନ୍ତି । ସେ ହେଉଛନ୍ତି ଶ୍ମଶାନବାସୀ । ଶିବଙ୍କର ଦୁଇଟି ପୁତ୍ର ସନ୍ତାନ ରହିଛି । ସେମାନେ ହେଲେ କାର୍ତ୍ତିକେୟ ଓ ଗଣେଶ । ଭଗବାନ ଶିବଙ୍କ ପରିବାର ବୃଷଭ, ସିଂହ, ସର୍ପ, ମୂଷିକ ଓ ମୟୂର ଆଦି ଅନ୍ତର୍ଭୁକ୍ତ । ଶିବ ଅର୍ଥ ନୈସର୍ଗିକ ଆନନ୍ଦ ଓ ମଙ୍ଗଳ ।ସେ ହେଉଛନ୍ତି ପ୍ରେମର ଦେବତା । ସେ ହେଉଛନ୍ତି ସର୍ବଶ୍ରେଷ୍ଠ ଗୁରୁ ଓ ରକ୍ଷକ । ସେ ମନୁଷ୍ୟ ଜାତିକୁ ଅତି ଶ୍ରଦ୍ଧା କରିଥାନ୍ତି । ଭଗବାନ ଶିବ ହେଉଛନ୍ତି ଜ୍ଞାନର ପ୍ରତୀକ ଓ ଆଲୋକର ପ୍ରତୀକ । ତାଙ୍କର ଅନୁଗ୍ରହର ସୀମା ନାହିଁ । ଲଙ୍କାପତି ରାବଣ ଭଗବାନ ଶିବଙ୍କ ଠାରୁ ବରଲାଭ କରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିପୁର ଜୟ ଲାଭ କରି ସର୍ବଶ୍ରେଷ୍ଠ ବୀର ଭାବରେ ପରିଚିତ ହୋଇଥିଲା । ତାହାର ପ୍ରତାପରେ ସ୍ୱର୍ଗରେ ଦେବତାମାନେ ପ୍ରମାଦ ଗଣିବାକୁ ଲାଗିଲେ । ସାଗର ମନ୍ଥନ ସମୟରେ ବାସୁକୀ ନାଗର ବିଷ ଉଦ୍‌ଗାରଣ ଏକ ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଥିଲା । ସେହି ହଳାହଳ ବିଷ ସମଗ୍ର ଜଗତ ଧ୍ୱଂସର କାରଣ ହୋଇଥାନ୍ତା । ସମଗ୍ର ଜଗତକୁ ରକ୍ଷା କରିବା ପାଇଁ ଭଗବାନ ଶିବ ସେହି ହଳାହଳ ବିଷ ପାନ କରିଥିଲେ । ଏଥିପାଇଁ ସେ ନୀଳକଣ୍ଠ ନାମ ଧାରଣ କରିଛନ୍ତି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ତ୍ରିନାଥ ବୋଲି କୁହାଯାଏ ।

ଏହି ମହାଶିବରାତ୍ରି ବ୍ରତ ପାଳନରେ ଭକ୍ତମାନେ ଫୁଲ, ବେଲପତ୍ର, ଧୂପ, ଦୀପ ଓ ବିଭିନ୍ନ ପ୍ରକାର ଭୋଗ ଭଗବାନ ଶିବଙ୍କୁ ଅର୍ପଣ କରିଥାନ୍ତି । ଏ ବିଷୟ ଶିବପୁରାଣରେ ଲେଖାଅଛି 'ସୁବାସ ଜଳର ତୁଲେ ଫୁଲ ବେଲପତ୍ରୀ ସମର୍ପିବ ଧୂପ, ଦୀପ କର୍ପୂର ଆରତୀ । ନାନା ବିଧି ଭୋଗ ରଖି କରିବ ନୈବେଦ୍ୟ ତଦନ୍ତେ ତାମ୍ବୁଳ ଦେବ ମନେକରି ଶୁଦ୍ଧ ।' ପ୍ରତି ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ମାସିକ ଶିବରାତ୍ରି ବୋଲି କୁହାଯାଇଥାଏ । କିନ୍ତୁ ଫାଲଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ମହାଶିବରାତ୍ରି ବୋଲି କୁହାଯାଏ । ଏହି ଦିନ ଶିବଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଉପବାସ ରହି ଏହି ବ୍ରତ ପାଳନ କଲେ ମହାସୁଖ ମିଳିଥାଏ । ନାରୀ ଓ ପୁରୁଷ ଏହି ବ୍ରତ ଖୁବ୍ ନିଷ୍ଠାର ସହିତ ପାଳନ କରିଥାନ୍ତି । ଆମ ଓଡ଼ିଶାରେ ବହୁ ସଂଖ୍ୟାର ନାରୀ ଓ ପୁରୁଷମାନେ ଏହି ବ୍ରତ ନିଷ୍ଠାର ସହିତ ପାଳନ କରୁଛନ୍ତି । ଏହିଦିନ ଭଗବାନ ଶିବ ନିରାକାର ରୂପରୁ ସାକାର ରୂପ ଧାରଣ କରିଥାନ୍ତି । ସେ ଏହିଦିନ ପ୍ରଦୋଷ ସମୟରେ ତାଣ୍ଡବ ନୃତ୍ୟ କରିଥିଲେ । ସେ ଯେତେବେଳେ ଡମ୍ବରୁ ବାଦନ କରି ତାଣ୍ଡବ ନୃତ୍ୟ ଆରମ୍ଭ କରନ୍ତି ସେତେବେଳେ ଏ ବିଶାଳ ଜଗତ ଥରହର ହୋଇଉଠେ । ତାଙ୍କର ପ୍ରିୟ ପୁଷ୍ପଗୁଡ଼ିକ ମଧ୍ୟରୁ ଶ୍ୱେତ କନିଅର, ରକ୍ତ କରବାର, ଶେଫାଳୀ, ମଲ୍ଲୀ ଓ ଚମ୍ପା ଇତ୍ୟାଦି ପ୍ରଧାନ । ମହାଶିବରାତ୍ରିଦିନ କେତକୀ ପୁଷ୍ପ ଭଗବାନ ଶିବଙ୍କୁ ଅର୍ପଣ କଲେ ପୁଣ୍ୟ ଲାଭ ହୋଇଥାଏ । ଅନେକ ଭକ୍ତ ଏହି ଦିନ ଶିବଙ୍କ ସ୍ତବ, ସ୍ତୋତ୍ର ଓ ଶିବ ପଞ୍ଚାକ୍ଷର ପାଠ କରି ଶିବ କୃପାଲାଭ କରିଥାନ୍ତି । ଶିବ ପଞ୍ଚାକ୍ଷର ମନ୍ତ୍ର ହେଉଛି 'ନାଗେନ୍ଦ୍ର ହାରାୟ ତ୍ରିଲୋଚନାୟ ଭସ୍ମାଙ୍ଗରାଗାୟ ମହେଶ୍ୱରାୟ । ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ ତସ୍ମୈ ନ କାରାୟ ନମଃ ଶିବାୟ । ମନ୍ଦାକିନୀ ସଲିଳ ଚନ୍ଦନ ଚର୍ଚ୍ଚିତାୟ ନନ୍ଦୀଶ୍ୱର ପ୍ରମଥନାଥ ମହେଶ୍ୱରାୟ । ମନ୍ଦାର ପୁଷ୍ପ ବହୁପୁଷ୍ପ ସୁପୂଜିତାୟ ତସ୍ମୈମକାରାୟ ନମଃ ଶିବାୟ । ଏହିଦିନ ଓଡ଼ିଶାର ଶିବ ମନ୍ଦିରଗୁଡ଼ିକ ଖୁବ୍ ଉତ୍ସବ ମୁଖର ହୋଇଉଠେ । ମହାଶିବରାତ୍ରି ଦିନ ହେଉଛି ଆନନ୍ଦ ଉଲ୍ଲାସର ଦିନ । ଭୁବନେଶ୍ୱର ଠାରେ ଥିବା ଲିଙ୍ଗରାଜ ମନ୍ଦିର ଓଡ଼ିଶାର ଏକ ପ୍ରସିଦ୍ଧ ଶିବ ମନ୍ଦିର । ଏହି ଦିନ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶିବ ଭକ୍ତମାନେ ଆଗମନ କରି ପ୍ରବଳ ଭିଡ଼ ଜମାଇଥାନ୍ତି । ଏଠାରେ ପ୍ରଭାତ ସମୟରୁ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇ ରାତ୍ରିର ବିଳମ୍ବିତ ସମୟରେ ମହାଦୀପ ଉଠିଥାଏ । ଏହି ମହାଦୀପ ଦର୍ଶନ କରିବାକୁ ହଜାର ହଜାର ଭକ୍ତ ଅପେକ୍ଷା କରି ରହିଥାନ୍ତି । ପୁରୀଠାରେ ଥିବା ଲୋକନାଥ ମନ୍ଦିରରେ ମଧ୍ୟ ମହାଶିବରାତ୍ରି ଉତ୍ସବ ମହାଆଡ଼ମ୍ବର ତଥା ବିପୁଳ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥାଏ । ଠିକ୍ ସେହିପରି କଟକ ଠାରେ ଥିବା ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିରରେ ମଧ୍ୟ ଆଡ଼ମ୍ବର ସହକାରେ ଏହି ମହାଶିବରାତ୍ରି ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହାଛଡ଼ା ଆରଡ଼ି ଗ୍ରାମରେ ଥିବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଏହି ମହାଶିବରାତ୍ରି ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ । ଏଠାରେ ରାଜାଙ୍କର ପହିଲି ଭୋଗ ଲାଗୁ ହେବା ପରେ ଭକ୍ତମାନଙ୍କର ଭୋଗ ଲାଗୁ ହୋଇଥାଏ । ଶିବଭକ୍ତମାନେ ମହାଦୀପ ଉଠିବା ଦର୍ଶନ କରିବା ପରେ ଫଳାହାର କରିଥାନ୍ତି । ଏହିଦିନ ସମଗ୍ର ଦେଶ ଶିବମୟ ହୋଇଯାଏ । ଆମ ଦେଶରେ ଅସଂଖ୍ୟ ଶିବ ମନ୍ଦିର ରହିଛି । ବିଭିନ୍ନ ଶିବ ମନ୍ଦିରଗୁଡ଼ିକରେ ବିଭିନ୍ନ ସାଜସଜ୍ଜା ସହିତ ଆଲୋକ ସଜ୍ଜା ମଧ୍ୟ ହୋଇଥାଏ । ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟ ସୃଷ୍ଟି ହୋଇଥାଏ । ବାସ୍ତବରେ ଏହି ମହାଶିବରାତ୍ରି ହିନ୍ଦୁମାନଙ୍କର ଏକ ମହାନ ପର୍ବ ।


କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା
ମୋ. ୮୯୧୭୨୧୩୦୭୩


# ମାନବ ସେବାରେ ଆକାଶବାଣୀ

■ ଡ. ଅରୁନ୍ଧତୀ ଦେବୀ ■

ରେଡ଼ିଓ ସେବାର ପ୍ରସାର, ପ୍ରଚାର, ପ୍ରସିଦ୍ଧି, ପ୍ରଶଂସା ଓ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବୃଆରୀ ୧୩କୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ସମ୍ବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ। ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ- ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତ । ତା' ତଳକୁ ଅଛନ୍ତି ପତ୍ରପତ୍ରିକା ଇତ୍ୟାଦି । ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମତା ନିମନ୍ତେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବୋତ୍ତମ। ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ରେଡ଼ିଓ ଅନ୍ୟତମ। ଏହା ମଣିଷର ସ୍ୱରକୁ ବିନା ତାରରେ ଆକାଶ ମାଧ୍ୟମରେ ବହୁ ଦୂରକୁ ପଠାଇଥାଏ। ଏହା କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ ମିନିଟ ସମୟ ନିଏ। ରେଡ଼ିଓ ଉଦ୍ଭାବକ ହେଉଛନ୍ତି ମାର୍କୋନି । ସେ ତାଙ୍କ ଉଦ୍ଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି । ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡାଜାହାଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୂହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ । ଏହା ଏକ ବିଦ୍ୟୁତ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଟେଲିଭିଜନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ ।

ଟେଲିଭିଜନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା ସମ୍ବାଦ, ଚିତ୍ତବିନୋଦନ ବ୍ୟବସ୍ଥାରେ ନାଟକ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଛବିକୁ ବାଦ ଦେଲେ ବାକିସବୁ ରେଡ଼ିଓରେ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଟେଲିଭିଜନରେ ଆମେ ସବୁବେଳେ ପୂର୍ଣ୍ଣ ସ୍ୱାଦ ପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ । ମାତ୍ର ସେ ପୂର୍ଣ୍ଣ ସ୍ୱାଦ ଦିଏ ଆକାଶବାଣୀ। ଆକାଶବାଣୀ ହିଁ ଗରିବ ଲୋକର ସାଥୀ। ଘରେ ବା ପାଖରେ ଟ୍ରାଞ୍ଜିଷ୍ଟର ସେଟ୍‌ଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏକ ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର । ରେଡ଼ିଓର ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି । ବିଭିନ୍ନ ଦେଶରେ ଏହାର ନାମ କାରଣ ଭିନ୍ନ ଭିନ୍ନ । ଭାରତରେ ଏହାକୁ ଅଲ୍ ଇଣ୍ଡିଆ ରେଡ଼ିଓ ବା ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ତାନ ଏବଂ ଗ୍ରେଟ ବ୍ରିଟେନ୍‌ରେ କୁହନ୍ତି ବିବିସି ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ କର୍ପୋରେସନ୍। ଟେଲିଭିଜନର ବହୁଳ ବ୍ୟବହାର ଫଳରେ ବର୍ତ୍ତମାନ ରେଡ଼ିଓର ଚାହିଦା ଅନେକ କମ୍ ହୋଇଯାଇଛି । ତେବେ ସମୟ ଆସୁଛି, ଯେତେବେଳେ ଟିଭି ଅପେକ୍ଷା ରେଡ଼ିଓର ଚାହିଦା ବଢ଼ିବ । ସେତେବେଳେ ରେଡ଼ିଓ ବା ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ । ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ- ଶ୍ରାବ୍ୟ ପାଲଟି ଯାଇଥିବ। ଏଣୁ ଏହା ସତ୍ୟ ବୋଲି ଅନୁମିତ ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ସ୍ଥାନ ମିଳିବ। ରେଡ଼ିଓ ଯେ ସୂଚନା ପ୍ରାପ୍ତିର ବଳିଷ୍ଠ ମାଧ୍ୟମ ଏହା ନିଃସନ୍ଦେହ । ରେଡ଼ିଓ ଲୋକଙ୍କୁ ବୁଝାଏ। ରେଡ଼ିଓର ଉପଯୋଗିତା ଓ ସାର୍ଥକତା ଆଜି ବି ରହିଛି। ରେଡ଼ିଓକୁ ଲୋକେ ଆଜି ବି ପସନ୍ଦ କରୁଥିବା ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ। ପୂର୍ବରୁ ରେଡ଼ିଓ ଥିଲା, ଆଜି ଅଛି ଏବଂ ଆଗକୁ ମଧ୍ୟ ରହିବ।


ମୋ. ୯୯୩୭୧୭୨୮୧୦


# ପଙ୍କୋଦ୍ଧାର ଏକାଦଶୀ

■ ଡକ୍ଟର ତପନ କୁମାର ପାଳ ■

ରାବଣ ସହ ଯୁଦ୍ଧ କରିବା ପାଇଁ ଭଗବାନ ରାମଚନ୍ଦ୍ର ବାନରଙ୍କ ସେନାଙ୍କୁ ନେଇ ଲଙ୍କା ଯିବାକୁ ପ୍ରସ୍ତୁତ ହେଉଥାନ୍ତି । ଏହି ସମୟରେ ସମୁଦ୍ର ପାର ହେବା ତାଙ୍କ ପାଇଁ ବଡ଼ ସମସ୍ୟା ଭାବେ ଛିଡ଼ା ହେଲା । ଏହି ସମସ୍ୟାର ସମାଧାନ ଲାଗି ଭଗବାନ ରାମ ଓ ଲକ୍ଷ୍ମଣ ମିଶି ମୁନି ବକଦାଲଭ୍ୟଙ୍କ ନିକଟରେ ପହଞ୍ଚିଲେ । ରାମ ନିଜ ସମସ୍ୟା ସମ୍ପର୍କରେ କହିବାରୁ ମୁନି ତାଙ୍କୁ ବିଜୟା ଏକାଦଶୀ ବ୍ରତ କରିବାକୁ କହିଲେ। ଶାସ୍ତ୍ରରେ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀକୁ ବିଜୟା ଏକାଦଶୀ ପଙ୍କୋଦ୍ଧାର ଏକାଦଶୀ ନାମରେ ପ୍ରସିଦ୍ଧ।

ବିଜୟା ଏକାଦଶୀ ବ୍ରତର ବିଧି ସମ୍ପର୍କରେ ମୁନି କହିଲେ ଯେ ଦଶମୀ ଦିନ ସୁନା, ରୁପା, ତମ୍ବା କିମ୍ବା ମାଟିର ଏକ କଳସ ସ୍ଥାପନ କରି ସେଥିରେ ଜଳ ଓ ପଲ୍ଲବ ରଖନ୍ତୁ। ଏହା ଉପରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ସ୍ଥାପନ କରିବା ଆବଶ୍ୟକ। ଏକାଦଶୀ ଦିନ ପ୍ରାତଃ କାଳରୁ ସ୍ନାନ କରିବା ମାଳା, ଚନ୍ଦନ, ନଡ଼ିଆ ଆଦିରେ କଳସ ପୂଜା କରିବା ଆବଶ୍ୟକ। କଳସ ସମ୍ମୁଖରେ ଭଗବାନଙ୍କ କଥା ପାଠ କରିବା ଆବଶ୍ୟକ। ରାତ୍ରୀରେ ଉଜାଗର ରହି ଭଜନ କୀର୍ତ୍ତନ କରିବା ଉଚିତ। ପରଦିନ କଳସକୁ ଜଳରେ ବିସର୍ଜନ କରି କଳସ ଉପରେ ରଖାଯାଇଥିବା ସାମଗ୍ରୀ ବ୍ରାହ୍ମଣଙ୍କୁ ଦାନ କରିବା ଉଚିତ। ଭଗବାନ ରାମଚନ୍ଦ୍ର ଏହି ବିଧିରେ ବିଜୟା ଏକାଦଶୀ ବ୍ରତ କରିବା ପରେ ସେତ ବାନ୍ଧିବାରେ ସଫଳ ହୋଇଥିଲେ। ଲଙ୍କା ପହଞ୍ଚି ରାବଣଙ୍କୁ ମୃତ୍ୟୁ ମୁଖରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ। ପଦ୍ମପୁରାଣରେ କୁହାଯାଇଛି ଯେଉଁ ବ୍ୟକ୍ତି ଏହି ଏକାଦଶୀ ବ୍ରତ କରିଥାଏ, ସେ ବାଜପେୟ ଯଜ୍ଞ ସମାନ ଫଳ ପ୍ରାପ୍ତି କରିଥାଏ । ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ଏହି ଏକାଦଶୀ ବ୍ରତ କରିବା ଦ୍ୱାରା ଜୀବନରେ କଠିନରୁ କଠିନ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

ପୁରୀ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମହାଦେବଙ୍କ ମନ୍ଦିରରେ ପଙ୍କୋଦ୍ଧାର ଏକାଦଶୀ ବିଶେଷ ମହତ୍ତ୍ୱ ରଖିଥାଏ। ବର୍ଷ ତମାମ ଭଗବାନ ଲୋକନାଥଙ୍କ ଲିଙ୍ଗ ଜଳ ଏବଂ ପଙ୍କରେ ବୁଡ଼ି ରହିଥାଏ। ମହାଶିବ ରାତ୍ରୀ ପୂର୍ବରୁ ପଡୁଥିବା ପଙ୍କୋଦ୍ଧାର ଏକାଦଶୀ ଦିନ ଲୋକନାଥଙ୍କ ପୀଠରେ ପଙ୍କ ଏବଂ ଜଳ କଢ଼ାଯାଇଥାଏ। ଫଳରେ ମହାପ୍ରଭୁ ଲୋକନାଥ ବାହାରକୁ ଦେଖାଯାଇଥାନ୍ତି। ପରେ ମହାଶିବରାତ୍ରୀ ଅବସରରେ ତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ପଙ୍କୋଦ୍ଧାର ଏକାଦଶୀ ଅବସରରେ ଭଗବାନ ଲୋକନାଥଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟକ ଭକ୍ତ ଆସିଥାନ୍ତି।


ଦେଉଳ ସାହି, ତୁଳସୀପୁର, କଟକ, ମୋ. ୯୯୩୭୬୫୮୩୬୨


# ୨୦୨୫-୨୬ରେ ମଧ୍ୟ ଛାତ୍ରସଂସଦ ନିର୍ବାଚନ ହୋଇପାରିଲାନି



## ଦୁନିଆର ହାଲ୍

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ବହୁତ ଆଶା ଥିଲା ଯେ ନିଶ୍ଚିତ ଭାବରେ ୨୦୨୫ -୨୬ରେ ଛାତ୍ର ସଂସଦର ନିର୍ବାଚନ ହେବ । ଏଥିପାଇଁ ୨୩ ଓ ୨୪ ମସିହାରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସବୁ ଛାତ୍ର ସଙ୍ଗଠନମାନେ ଅଣ୍ଟା ଭିଡିଥିଲେ । ସମସ୍ତେ ଚାହୁଁଥିଲେ ଯେପରି କେହିବି ପଛକୁ ପଡିଯିବେ ନାହିଁ । ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦେଶିତ ଲିଙ୍ଗଡୋ କମିଶନର ସୁପାରିସକୁ ଭିତ୍ତିକରି ନିର୍ବାଚନ ହେବ । ନିର୍ବାଚନରେ ଭାଗନେବା, ଲଢିବା ଏବଂ ନିର୍ବାଚନରେ ବିଜୟ ହାସଲ କରି ଛାତ୍ରଛାତ୍ରୀମାନଙ୍କର ନେତୃତ୍ୱରେ କଥାହେବା ଅନେକ ଆହ୍ୱାନ ସୃଷ୍ଟି କରେ । ତାହା ଅନେକ ସମୟରେ ଆନନ୍ଦ ଦେଇଥାଏ । ରାଜ୍ୟର ଶିକ୍ଷାବିତ, ବୁଦ୍ଧିଜୀବୀ, ଅଭିଭାବକମାନେ ସମସ୍ତେ ଚାହୁଁଥିଲେ ଏଥରକ ଯେପରି ନିର୍ବାଚନ ହେବ । ଆମ ରାଜ୍ୟକୁ ଛାଡି କେତେକ ସ୍ଥାନରେ ନିର୍ବାଚନ ହେଲା । ବିଶେଷକରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ଜେଏନୟୁରେ ନିର୍ବାଚନ ହେଲା । ନିର୍ବାଚନରେ ହାରିବା ଜିତିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଲା । ଶିକ୍ଷାବର୍ଷର ଆରମ୍ଭ ପୂର୍ବରୁ ଛାତ୍ରଛାତ୍ରୀମାନେ ଏପରି ଉତ୍କଣ୍ଠିତ ହୋଇପଡିଲେ ଯେ ଆଶା କରାଯାଉଥିଲା ନିଶ୍ଚିତ ଭାବରେ ନିର୍ବାଚନ ହେବ । କେଉଁଠି କେମିତି ଅସନ୍ତୋଷ ପ୍ରକାଶ ପାଇଲା ଯେ ନିର୍ବାଚନ ପ୍ରକ୍ରିୟାରେ ହିଂସା ପ୍ରକଟିତ ହେଉଛି, ଏଣୁ ନିର୍ବାଚନ କିପରି ହେବ । ବାଲେଶ୍ୱରରେ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ଏପରି ଉଗ୍ରରୂପ ନେଲା ଯେ ଓଡ଼ିଶାର ଅନେକ ଅଞ୍ଚଳ ପଡିଲା ଉଠିଲା । ଅଧକ୍ଷ ଓ ଅଧାପକଙ୍କୁ ଜେଲ ଯିବାକୁ ପଡିଲା । ସମ୍ବାଦଟି ପ୍ରକାଶିତ ହେବା ସମୟରୁ ଏପରି ଘଟିବ ବୋଲି ଆଶା କରାଯାଉ ନଥିଲା । ଏପରି ସ୍ଥଳେ କର୍ତ୍ତୃପକ୍ଷ ବିଚାର କଲେ ନିର୍ବାଚନ ପଛେ ନହେଉ ଏକଥାଟି ଛିଣ୍ଡିଯାଉ ।

କଥାଟି ଛିଣ୍ଡିଲା ନାହିଁ । ବରଂ ଏହା କୋର୍ଟ କଚେରି ଯାଏଁ ଗଲା । ଗଣମାଧ୍ୟମର ପ୍ରତିନିଧିମାନେ ଏପରି ସମ୍ବାଦ ପ୍ରକାଶ କଲେ ଯେ ଯାହାର ତ୍ରୀବତା କମିବାର ନାମ ଧରିଲା ନାହିଁ । କେତେକ ବନ୍ଧୁ ମୋ ସହିତ ଆଲୋଚନାରେ ଭାଗ ନେଉଥିଲେ । ସେମାନଙ୍କର ମତ ଥିଲା, ଯେଉଁଠି ଗଣ୍ଡଗୋଳ ଉପୁଜୁଛି, ସେଠି ନିର୍ବାଚନ ବନ୍ଦ ହେଉ । ସବୁଠି କାହିଁକି ବନ୍ଦ ହେବ । ଗଣ୍ଡଗୋଳ ଉପୁଜିଥିବା ସ୍ଥାନରେ, ସେ ଅଞ୍ଚଳକୁ ନିୟନ୍ତ୍ରଣ ଭିତରେ ରଖାଯାଇ ପାରିବ । ଯେପରି ଗଣ୍ଡଗୋଳ ବିସ୍ତାରିତ ହୁଅନ୍ତା ନାହିଁ । ଶାନ୍ତିପୂର୍ଣ୍ଣ ଭାବରେ ଯିଏ ନିର୍ବାଚନରେ ଭାଗ ନେବେ, ତାହା ଗ୍ରହଣୀୟ ହୁଅନ୍ତା । ଲିଙ୍ଗଡୋ କମିଶନର ପ୍ରସ୍ତାବଗୁଡ଼ିକ ଯେତେବେଳେ କାର୍ଯ୍ୟକାରୀ କରୁଥିଲେ, ତାହା ବେଶ ଚମତ୍କାର ଥିଲା । ଛାତ୍ରଛାତ୍ରୀମାନେ ଯଦି ଗଣ୍ଡଗୋଳରେ ଲିପ୍ତ ଥିବେ, ସେମାନଙ୍କର ଉପସ୍ଥାପନର ହାର କମ ଥିବ ଏବଂ ବାର୍ଷିକ ପରୀକ୍ଷା ଫଳର ହାର କମ ଥିବ ସେମାନେ ନିର୍ବାଚନରେ ଭାଗ ନେଇପାରିବେ ନାହିଁ । ବ୍ୟାକପେପର ଥିଲେ ସେମାନେ ନିର୍ବାଚନରେ ଭାଗ ନେଇପାରିବେ ନାହିଁ । ଏକଥାକୁ କେତେକ ଶିକ୍ଷାନୁଷ୍ଠାନ ଓ ଛାତ୍ରସଙ୍ଗଠନ ମାନିଲେ ନାହିଁ । ଉପସ୍ଥାନ ହାରକୁ ଉପରକୁ ଆଣିବା ପାଇଁ କଥାଟି ଯାହା କଲେଜରେ ଅଛି, ତାକୁ ଏପାଖ ସେପାଖ କଲେ ।

ପୁନଶ୍ଚ ସେଇ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରବାସମାନଙ୍କରେ ନାନା ବିଭ୍ରାଟ ଉପୁଜିଲା । ଜୋର ଜବରଦସ୍ତ ଛାତ୍ରବାସ ଦାଖଲ କରିଥିବା ଛାତ୍ରମାନଙ୍କୁ ଛାତ୍ରାବାସରୁ ବାହାର କରାଗଲା । ଶୈକ୍ଷିକ ବ୍ୟବସ୍ଥା ଭୁଶୁଡି ଗଲା । ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରାବାସରେ ଯେଉଁ କାଣ୍ଡ ଘଟିଲା, ନିର୍ବାଚନ କିପରି ହୋଇଥାଆନ୍ତା । ଛାତ୍ରସଂସଦ ନିର୍ବାଚନ ବ୍ୟବସ୍ଥାରେ ଏହା ସବୁଠି ଅନୁଷ୍ଠିତ ହେବା ଉଚିତ । ମୁଣ୍ଡ ନୁଆଁଇ ନିର୍ବାଚନ ଫଳକୁ ସମସ୍ତେ ଗ୍ରହଣ କରିବା ଉଚିତ । ପ୍ରତ୍ୟେକ କଲେଜ ଅଥବା ବିଶ୍ୱବିଦ୍ୟାଳୟରେ ନିର୍ବାଚନ ନେଇ ସଂସ୍କାର କଥା ବହୁ ପୂର୍ବରୁ ଆଲୋଚନା ହୋଇ ନିଷ୍ପତ୍ତି ପ୍ରକାଶ ପାଇଥାଆନ୍ତା । ଏସବୁ ସଂସ୍କାର କଥା କେବଳ ଶିକ୍ଷାବର୍ଷର ପ୍ରାରମ୍ଭରେ କାହିଁକି ଆଲୋଚନା ହେବ । ଯେଉଁଠି ଲିଙ୍ଗଡୋର ସୁପାରିସ କରାଯାଇ ପାରୁନାହିଁ, ସେଠି ନିର୍ବାଚନ ବନ୍ଦ ରହିବ ।

କୌଣସି ଆଳରେ ଛାତ୍ରସଂସଦ ନିର୍ବାଚନ ବନ୍ଦ ରଖିଲେ ଛାତ୍ରଛାତ୍ରୀଙ୍କର ବିଦ୍ୟାଧନରେ ସଂପୂର୍ଣ୍ଣତା ଆସିଲା ବୋଲି କୁହାଯାଇ ପାରିବ ନାହିଁ । ଜଣେ ଛାତ୍ର କି ଛାତ୍ରୀ ପୂର୍ଣ୍ଣତା କେତେବେଳେ ପାଇବ, ଯେତେବେଳେ ଆମେ ଦେଖିବା ତା'ର ସମସ୍ତ କଥା ଭିତରେ ପାରଙ୍ଗମତାକୁ ଉତ୍କର୍ଷ ସ୍ତରରେ ପହଞ୍ଚିପାରିବ ।


ଜଣେ ଛାତ୍ର କି ଛାତ୍ରୀ ତା' ପାଖରେ ଥିବା ଅନ୍ତର୍ନିହିତ ଗୁଣର ସଂପୂର୍ଣ୍ଣ ସଦୁପଯୋଗ କରିବା କଥା । ଛାତ୍ର ସଂସଦ ନିର୍ବାଚନ ତା'ର ବିକାଶର ଗୋଟିଏ ଦିଗ । ସେ ଯଦି ଛାତ୍ର ଜୀବନରୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନରେ ଭାଗ ନେବା ଜାଣିପାରିବ ନାହିଁ, ତା'ର ରାଜନୈତିକ ଜୀବନର ଭବିଷ୍ୟତ ଫଳପ୍ରଦ ହେବ ନାହିଁ । ଆମ ରାଜ୍ୟର ହେଉ କି ବାହାର ରାଜ୍ୟରୁ ହେଉ, ଛାତ୍ର ପ୍ରତିନିଧି ତଥା ନେତାମାନେ କଲେଜ ସ୍ତରରୁ ହେଉ କି ବିଶ୍ୱବିଦ୍ୟାଳୟ ସ୍ତରରୁ ନିର୍ବାଚନରେ ଭାଗ ନେବାପାଇଁ ଶିଖିବେ ନାହିଁ, ତାହା ସେମାନଙ୍କର ସ୍ୱୟଂ ସଂପୂର୍ଣ୍ଣତା ହେବ ନାହିଁ । ସ୍ୱର୍ଗତ ରବି ରାୟ, ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ, ସ୍ୱର୍ଗତ ନନ୍ଦିନୀ ଶତପଥି, ସ୍ୱର୍ଗତ ଅରୁନ ଜେଟଲି, ସ୍ୱର୍ଗତ ସୁଷମା ସ୍ୱରାଜ ଅତୀତର ଛାତ୍ର ନେତା ଓ ନେତ୍ରୀ ଥିଲେ । ଗର୍ବ ଓ ଗୌରବର ସହିତ ଛାତ୍ର ନିର୍ବାଚନରେ ଶାନ୍ତିପୂର୍ଣ୍ଣ ଭାବରେ ଭାଗନେଇ ସେମାନଙ୍କର ରାଜନୈତିକ ଜୀବନକୁ ପ୍ରେରଣାଦାୟୀ କରିଥିଲେ । ନିର୍ବାଚନରେ ଭାଗ ନେଇ ଅନେକ ବିଚକ୍ଷଣତା ହାସଲ କରିଥାଆନ୍ତି । ଜଣେ ଛାତ୍ର ସଂସଦର ନିର୍ବାଚନରେ ଭାଗ ନେଇ ଭାଷଣ ଦେଉଛି କିନ୍ତୁ ସେ ଭବିଷ୍ୟତରେ ଜଣେ ଗାରିମାମୟ ଅଥବା ଗାରିମାମୟୀ ନେତା କି ନେତ୍ରୀ ହୋଇପାରିବ । ଛାତ୍ର ସଂସଦରୁ ଛାତ୍ରମାନଙ୍କୁ ହରେଇ ରଖିବା ଉଚିତ ନୁହେଁ ।


ଜେଲରୋଡ଼, ଖୋର୍ଦ୍ଧା,
ମୋ ୯୪୩୭୩୦୨୪୧୭

ଓଡ଼ିଶା ଏକ୍ସପ୍ରେସ୍
କେନ୍ଦ୍ରାପଡ଼ା | 13th February, 2026 Friday | RNI Regd. No. ODIODI/2009/28880

## ସାକ୍ଷୀଙ୍କ ହିସାବ

### ହେଲ୍ଥ ଟନିକ୍



ଏକ ହତ୍ୟା ମାମଲାରେ ଓକିଲ ସାକ୍ଷୀକୁ ଜେରା କରୁଥାନ୍ତି– ଆଚ୍ଛା, ତୁମେ ହତ୍ୟାକାଣ୍ଡ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିଲ ବୋଲି କହୁଛ, ଠିକ୍ ଅଛି । ତୁମ କଥାକୁ ମୁଁ ମାନିନେଲି । କିନ୍ତୁ ତମେ ଏମିତି କେତେ ପାଖରେ ଥିଲ ଯେ ମୋ ମହକିଲ ହତ୍ୟା କରିଛନ୍ତି ବୋଲି ନିର୍ଦ୍ଦିଷ୍ଟ ଭାବେ ଜାଣିପାରିଲ ? ସେତେବେଳକୁ ରାତି ୯ଟା ! ଏତେ କମ୍ ଆଲୁଅରେ ତମେ ତାଙ୍କୁ ଚିହ୍ନିଲ କେମିତି ?

ଓକିଲଙ୍କର ଏ ଜେରାରେ ସାକ୍ଷୀ ଆଦୌ ବିବ୍ରତ ନହୋଇ ଧୀର ସ୍ୱରରେ କହିଲେ– ମୁଁ ହତ୍ୟାସ୍ଥଳରୁ ମାତ୍ର ୩ ମିଟର ୨୨ ସେଣ୍ଟିମିଟର ଏବଂ ୧୪ ମିଲିମିଟର ଦୂରତାରେ ଥିଲି । ତେଣୁ ଚିହ୍ନିପାରିଲି ।

ସାକ୍ଷୀଙ୍କର ଏ ହିସାବ ଶୁଣିବା ମାତ୍ରେ ଓକିଲ ମହାଶୟ ଜଜ୍‌ଙ୍କୁ ଚାହିଁ ସାକ୍ଷୀଙ୍କ ଉଦ୍ଦେଶ୍ୟରେ ତାଚ୍ଛଲ୍ୟ କରି କହିଲେ– ୟୋର୍ ଅନର୍ ! ଦେଖୁଛନ୍ତି ତ ସାକ୍ଷୀ କେମିତି ବୟାନ ଦେଉଛି ! ସେଦିନ ରାତିରେ କୁଆଡ଼େ ଏ ମହାଶୟ ୩ମି. ୨୨ସେ.ମି. ୧୪ମି.ମି.ର ମାପ ନେଇଥିଲେ !

ଏଥର ଓକିଲ ମହାଶୟ ସାକ୍ଷୀକୁ ଚାହିଁ ଟିକେ ଚଢ଼ା ସ୍ୱରରେ କହିଲେ– ତମକୁ ମିଛ କହିବାକୁ ଆଉ ଜାଗା ମିଳିଲାନି ? କୋର୍ଟରେ ମିଛ କହୁଛ ? ହଉ ଠିକ୍ ଅଛି । ଧରାଯାଉ ତମ ହିସାବ ଠିକ୍ । କିନ୍ତୁ ତୁମେ କେମିତି ଜାଣିଲ ଯେ ହତ୍ୟାସ୍ଥଳରୁ ତୁମେ ଅବିକଳ ୩ ମି. ୨୨ ସେ.ମି. ୧୪ ମି.ମି. ଦୂରରେ ଥିଲ ?

ସାକ୍ଷୀ ମିଠାହସି କହିଲେ– ମୋ ପକେଟ୍‌ରେ ସେଦିନ ଗୋଟେ ମାପ ଫିତା ଥିଲା । ମୁଁ ଠିକ୍ ଜାଣିଥିଲି ଯେ ଏହି ହତ୍ୟା ମାମଲାରେ ମୋତେ ଜଣେ ଓକିଲ ଅଡୁଆରେ ପକାଇପାରନ୍ତି !!

# ଇତିହାସ ରଚିଲା ଇଟାଲୀ: ବିଶ୍ୱକପରେ ପ୍ରଥମ ବିଜୟ ହାସଲ

**ମୁମ୍ବାଇ,୧୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଟି-୨୦ ବିଶ୍ୱକପରେ ପଦାର୍ପଣ କରିଥିବା ଇଟାଲୀ ଇତିହାସ ରଚିଛି । ପଦାର୍ପଣ ବିଶ୍ୱକପରେ ନିଜର ପ୍ରଥମ ବିଜୟ ହାସଲ କରିଛି ଇଟାଲୀ। ଇଂଲଣ୍ଡକୁ ନାକରେ ପାଣି ପିଆଇଥିବା ନେପାଳକୁ ଆଜି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଏକତରଫା ଭାବେ ହରାଇ ଦେଇଛି ଦଳ।

ପ୍ରଥମେ ବୋଲିଂ ଓ ପରେ ବ୍ୟାଟିଂରେ ଦଳ କମାଲ କରିଛି। ୧୨୪ ରନର ଟାର୍ଗେଟକୁ ଦଳ ବିନା କୌଣସି ୱିକେଟ ହରାଇ ୪୪ ବଲ ପୂର୍ବରୁ ହାସଲ କରି ନେଇଛି। ଦଳର ଦୁଇ ଓପନର ଜଷ୍ଟିନ ମୋସକା ଓ ଆନ୍ଥୋନୀ ମୋସକା ଉଭୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଜଷ୍ଟିନ ଶେଷ ଯାଏ ୪୪ ବଲରେ ୬୦ ଓ ଆନ୍ଥୋନୀ ୩୨ ବଲରେ ୬୨ ରନ କରି ଅପରାଜିତ ରହିଥିଲେ। ଜଷ୍ଟିସ ତାଙ୍କ ଇନିଂସରେ ୫ଟି ଚୌକା ଓ ୩ଟି ଛକା ଏବଂ ଆନ୍ଥୋନୀ ୩ଟି ଚୌକା ଓ ୬ଟି ଛକା ମାରିଛନ୍ତି।

ଏହା ଟି-୨୦ ବିଶ୍ୱକପ ଇତିହାସରେ ଇଟାଲୀର ପ୍ରଥମ ବିଜୟ। ପ୍ରଥମଥର ପାଇଁ କୌଣସି ଟି-୨୦ରେ ଦଳ ନେପାଳର ସାମ୍ନା କରୁଥିବା ବେଳେ ଦମଦାର ବିଜୟ ହାସଲ କରିଛି। ଏହାପୂର୍ବରୁ ଦୁଇ ଦଳ ପରସ୍ପରକୁ ୩ଟି ଦିନିକିଆ ମ୍ୟାଚ୍‌ରେ ଭେଟିଥିଲେ। ସବୁଥର ନେପାଳ ବାଜି ମାରୁଥିଲା। କିନ୍ତୁ ଟି-୨୦ ବିଶ୍ୱକପରେ ଇତିହାସ ବଦଳିଛି। ଡେବ୍ୟୁ ବିଶ୍ୱକପରେ କୌଣସି ମ୍ୟାଚ୍ ଜିତି ଇଟାଲୀ ନୂଆ କୀର୍ତ୍ତିମାନ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ



କରୁଥିବା ନେପାଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିବା ନେପାଳର ଜଣଙ୍କ ପରେ ଜଣେ ବ୍ୟାଟର ନିରାଶ କରିଥିଲେ। କୁଶଲ ଭୁର୍ଟେଲ ୫, ଆସିଫ ଶେଖ ୨୦, ଅଧିନାୟକ ରୋହିତ ପୌଡେଲ ୨୩, ଦିପେନ୍ଦ୍ର ସିଂହ ଏଇରେ ୧୭ ଓ ଆରିଫ ଶେଖ କେବଳ ୨୭ ରନ କରିଥିଲେ।

ଶେଷ ଭାଗରେ କରଣ କେସି ଅପରାଜିତ ୧୮ ରନର ଇନିଂସ ଖେଳିବାରୁ ନେପାଳ ୧୦୦ ରନ ପାର କରି ପାରିଥିଲା। ଦଳ ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୩ ରନର ଅଲଆଉଟ ହୋଇ ଯାଇଥିଲା।

ଇଟାଲୀ ପକ୍ଷରୁ କ୍ରିଶାନ କାଲୁଗାମେଜ ସର୍ବାଧିକ ୩ ୱିକେଟ ନେଇଥିବା ବେଳେ ୪ ଓଭରରେ କେବଳ ୧୮ ରନ ଦେଇଥିଲେ। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ମିଳିଛି। ସେହିପରି ବେନ ମାନେଣ୍ଟି ୨ଟି, ଅଲୀ ହାସନ, ଜେଜେ ସମୁଟ୍ସ ଓ ଯଶପ୍ରୀତ ସିଂହ ଗୋଟିଏ ଲେଖାଏ ସଫଳତା ପାଇଥିଲେ।

୧୨୪ ରନ ପିଛା କରିବାକୁ ଓହ୍ଲାଇ ଥିବା ଇଟାଲୀ ପାଇଁ ଜଷ୍ଟିସ ଓ ଆନ୍ଥୋନୀ ଦମଦାର ପ୍ରଦର୍ଶନ କରିଥିଲେ। ଉଭୟ ଆରମ୍ଭରୁ କାଉଣ୍ଟର ଆଟାକ କରି ନେପାଳକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଶେଷରେ ଦଳକୁ ୧୦ ୱିକେଟରେ ୪୪ ବଲ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ଇଟାଲୀ ପ୍ରଥମ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ ଠାରୁ ୭୩ ରନରେ ହାରିଥିଲା। କିନ୍ତୁ ଆଜିର ବିଜୟ ପରେ ଗ୍ରୁପ ସିରେ ଥିବା ଇଟାଲୀ ତୃତୀୟ ସ୍ଥାନକୁ ଉଠିଛି। ଇଂଲଣ୍ଡ ୪ର୍ଥ ସ୍ଥାନରେ ଥିବା ବେଳେ ୧ନଂରେ ରହିଛି ୱେଷ୍ଟଇଣ୍ଡିଜ।

# ନାମିବ୍ୟାକୁ ୯୩ ରନ୍‌ରେ ପରାସ୍ତ କଲା ଭାରତ

**ନୂଆଦିଲ୍ଲୀ,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ଟି-୨୦ ପୁରୁଷ ବିଶ୍ୱକପ୍-୨୦୨୬ରେ ଭାରତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ଦମଦାର ପ୍ରଦର୍ଶନ କରିଛି। ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ସୂର୍ଯ୍ୟକୁମାରଙ୍କ ବାହିନୀ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ନିଜର ଦକ୍ଷତା ଦେଖାଇଛି ଏବଂ ନାମିବ୍ୟା ବିପକ୍ଷରେ ୯୩ ରନ୍‌ରେ ବିଜୟ ହାସଲ କରିଛି। ୨୧୦ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ନାମିବ୍ୟା ୧୮.୨ ଓଭରରେ ୧୧୬ ରନ୍ ସଂଗ୍ରହ କରିଛି। ଭାରତର ବରୁଣ ଚକ୍ରବର୍ତ୍ତୀ ୨ ଓଭର ବୋଲିଂ କରିଥିଲେ। ସେ ୭ରନ୍ ଖର୍ଚ୍ଚ କରି ୩ଟି ୱିକେଟ୍ ନେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅକ୍ଷର ପଟେଲଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା।

ଚଳିତ ଆଇସିସି ଟି-୨୦ ବିଶ୍ୱକପରେ ଭାରତ ଦ୍ୱିତୀୟ ବିଜୟ ସହ ଗ୍ରୁପ୍ 'ଏ'ର ଶୀର୍ଷ ସ୍ଥାନକୁ ଫେରିଛି। ଗୁରୁବାର ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳ ୯୩ ରନର ବଡ ବ୍ୟବଧାନରେ ନାମିବ୍ୟାକୁ ପରାସ୍ତ କରିଛି। ଈଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଧୂଆଁଧାର ଅର୍ଦ୍ଧଶତକ ପରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲଙ୍କ ସ୍ପିନ୍ କମାଲ୍ ଭାରତକୁ ଏକପାଖିଆ ବିଜୟ ଦେଇଛି। ଭାରତର ୨୦୯ ରନ୍ ଜବାବରେ ନାମିବ୍ୟା ୧୦ ବଲ୍ ପୂର୍ବରୁ ୧୧୬ ରନ୍‌ରେ ଅଟକିଯାଇଥିଲା। ଭାରତ ନିଜ ପରବର୍ତ୍ତୀ ମ୍ୟାଚ୍ ରବିବାର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ଭାରତ ପାଇଁ ଈଶାନ କିଶନ ଓ ସଂଜୁ ସାମ୍ସନ୍ ପାଳି ଆରମ୍ଭ କରିଥିଲେ। ଅସୁସ୍ଥ ଅଭିଷେକଙ୍କ ବଦଳରେ ସ୍ଥାନ ପାଇଥିବା ସଂଜୁ ଧୂଆଁଧାର ଆରମ୍ଭ କରିଥିଲେ ମଧ୍ୟ ଲମ୍ବା ପାଳି ଖେଳିପାରି ନଥିଲେ। ତାଙ୍କ ପାଳି ୮ ବଲ୍ ୨୨ ରନ୍‌ରେ ଶେଷ ହୋଇଯାଇଥିଲା। ଏହା ମଧ୍ୟରେ ସେ ୩ ଛକା ବି ମାରିଥିଲେ। ଏହା ପରେ ତିଲକ ବର୍ମା (୨୧ ବଲରୁ ୨୫ ରନ୍) ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧୩ ବଲରୁ ୧୨ ରନ୍) ବିଶେଷ ପ୍ରଭାବ ଛାଡ଼ିପାରି ନଥିଲେ। ଈଶାନ କିନ୍ତୁ ତାଙ୍କ ପାରମ୍ପରିକ ବ୍ୟାଟିଂ ଜାରି ରଖି ୨୦ ବଲରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିଥିଲେ। ପାୱାର ପ୍ଲେ ଭିତରେ ସେ ଏହି ଲକ୍ଷ୍ୟରେ ପହଞ୍ଚିବା ସହ ଭାରତକୁ ୮୫/୧ରେ ରଖିଥିଲେ। ୟୋନାଥନ ସ୍ମିଟ୍ ବୋଲିଂ କରିଥିବା ଷଷ୍ଠ ଓଭରରେ ଈଶାନ ୪ କ୍ରମାଗତ ଛକା ମାରି ୨୮ ରନ୍ ଆଦାୟ କରିବା ଉଲ୍ଲେଖନୀୟ ଥିଲା। ଏହା ପରେ ଅବଶ୍ୟ ଈଶାନ ବିଶେଷ ଆଗକୁ ବଢ଼ିପାରି ନଥିଲେ। ଭାରତ ପାଳିକୁ କିନ୍ତୁ ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା (୨୮ ବଲରୁ ୫୨ ରନ୍, ୪ ଚୌକା, ୪ ଛକା) ଏବଂ ଶିବମ ଦୁବେ (୧୬ ବଲ୍ରୁ ୨୩ ରନ୍) ସମ୍ଭାଳି ନେଇଥିଲେ। ତଥାପି ଭାରତ ଶେଷ ୨ ଓଭରରେ ମାତ୍ର ୧୦ ରନ୍ ଯୋଡି ୫ ୱିକେଟ୍ ହରାଇବା ପ୍ରଶଂସକଙ୍କୁ ନିରାଶ କରିଥିଲା। ଗେରାଡ୍ ଏରାସମସ୍ (୪-୦-୨୦-୪) ପ୍ରଶଂସନୀୟ ବୋଲିଂ କରିବା ନାମିବ୍ୟା ପାଇଁ ଏକମାତ୍ର ସକରାତ୍ମକ ଦିଗ ଥିଲା।

## ଓଡ଼ିଶାରେ କେନ୍ଦ୍ର ସମବାୟ ସଚିବ

# ସମବାୟ ସମିତି ଦ୍ୱାରା ବହୁମୁଖୀ ସେବା ପ୍ରଦାନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ସମବାୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସମବାୟ ମନ୍ତ୍ରଣାଳୟର ସଚିବ ଆଶିଷ କୁମାର ଭୂଟାନୀ, ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ ଏବଂ ନିର୍ଦ୍ଦେଶକ ମୁକେଶ କୁମାରଙ୍କ ସହ ଓଡ଼ିଶା ଗସ୍ତ କରି ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ ସମବାୟ ବିକାଶ କମିଟି (ଏସସିଡିସି)ର ଚତୁର୍ଥ ବୈଠକରେ ଯୋଗ ଦେଇଥିଲେ।

ବୈଠକରେ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଏବଂ ସମବାୟ ସମିତି ନିବନ୍ଧକ (ଆରସିଏସ) କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିବା ସଂପର୍କରେ ଉପସ୍ଥାପିତ ହୋଇଥିଲା । ରାଜ୍ୟବ୍ୟାପୀ ନୂତନ ପାକ୍ସ, ବହୁମୁଖୀ ସେବା ସମବାୟ ସମିତି (ଲାମ୍ପ୍ସ)



ଗୁଡିକର ଶୀଘ୍ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ଯୋଜନା ଅଧୀନରେ ପାକ୍ସରେ ଗୋଦାମ ଗୃହ ନିର୍ମାଣ ବ୍ୟବସ୍ଥାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପାକ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ-ଔଷଧି କେନ୍ଦ୍ର ଏବଂ ସାଧାରଣ ସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର) ର ପ୍ରତିଷ୍ଠା, ପାକ୍ସ, ଲାମ୍ପଗୁଡ଼ିକୁ ବହୁମୁଖୀ ଓ ଏକକ ସେବା କେନ୍ଦ୍ରରେ ପରିଣତ କରିବା ସଂପର୍କରେ ଆଲୋଚନା ହୋଇଛି ।

ରାଜ୍ୟସ୍ତରରେ ସମବାୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରମୁଖ ରୂପାନ୍ତରଣ ପଦକ୍ଷେପ ସଂପର୍କରେ ଉପସ୍ଥାପନ କରାଯାଇଥିଲା । ଭିତ୍ତିଭୂମି ବିକାଶ ପାଇଁ ପାକ୍ସ, ଲାମ୍ପସ୍ ଗୁଡ଼ିକୁ ଅତିକମରେ ଏକ ଏକର ସରକାରୀ ଜମି ପ୍ରଦାନ, ପାକ୍ସ ଓ ଲାମ୍ପ୍ସ ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ର (ପିପିସି)ର ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଓ ପୁରାତନ ସମବାୟ ସମିତିଗୁଡ଼ିକୁ ସହାୟତା ପାଣ୍ଠି ଓ ଅଂଶଧନ ପ୍ରଦାନ, ସାର ବଣ୍ଟନରେ ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ, ଚଳିତ ବର୍ଷ ଠାରୁ ରାଜ୍ୟରେ ଆବଶ୍ୟକ ହେଉଥିବା ସାର ସମବାୟ ସମିତି ମାଧ୍ୟମରେ ପ୍ରଦାନ ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି । ପାକ୍ସ ମାଧ୍ୟମରେ 'ନାଫେଡ୍' ବଜାର ଏବଂ ଓମଫେଡ୍ କିମ୍ବା 'ଅମୁଲ' ପାର୍ଲର ପ୍ରତିଷ୍ଠା, ପାକ୍ସ, ଲାମ୍ପସ ଜରିଆରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସେସବୁରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ କ୍ୟାଡର ନିୟମ ଓ କେନ୍ଦ୍ରୀୟ ନିଯୁକ୍ତି ପ୍ରକ୍ରିୟା, ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସୁଦୃଢ଼ୀକରଣ, ରାଜ୍ୟର ଅଚଳ ଥିବା କଟକ ଜିଲ୍ଲାର 'ବଡମ୍ବା ଚିନି କଳ' ଏବଂ ବଲାଙ୍ଗିର ଜିଲ୍ଲାର 'ବିଜୟାନନ୍ଦ ସମବାୟ ଚିନି କଳ'ର ପୁନଃ କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନିଆଯାଇଛି।

ଏସଡିସିସି ବୈଠକ ପରେ କେନ୍ଦ୍ର ସଚିବ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହ ଅନୁଷ୍ଠିତ ଆଭାସୀ ବୈଠକରେ ଆଲୋଚନା କରି ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଏବଂ ନିୟମିତ ଭାବେ ଜିଲ୍ଲା ସମବାୟ ବିକାଶ କମିଟି (ଡିସିଡିସି) ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଚିବ ଶ୍ରୀ ଭୂଟାନ, ପାକ୍ସ ଏବଂ ଲାମ୍ପସ କର୍ମଚାରୀଙ୍କ ପାଇଁ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ) ସହାୟତାରେ ଆୟୋଜିତ ଡିଜିଟାଲ୍ ଓ ଆଇଟି ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଓମଫେଡ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ସେ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସୁଦୃଢ଼ ସମବାୟ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ରାଜ୍ୟ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଲକ୍ଷ୍ୟ ପୂରଣ ପାଇଁ ସହଯୋଗ ଲୋଡ଼ିଥିଲେ।

# କଟକରେ ନିଷିଦ୍ଧ ଲେଜର ଲାଇଟ ସହ ଡିଜେ

**କଟକ,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

କଟକ କମିଶନରେଟ ପୋଲିସ ଅଂଚଳରେ ଲେଜର ଲାଇଟ ବ୍ୟବହାରକୁ ହାଇକୋର୍ଟ ନିଷିଧ କରିଛନ୍ତି । ବିକଟାଳ ଶବ୍ଦ କରୁଥିବା ଡିଜେ ବ୍ୟବହାରକୁ ସଂପୂର୍ଣ୍ଣ ବନ୍ଦ କରିବା ଲାଗି ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ରାତି ୧୦ ଟା ପରେ ଯେପରି କୌଣସି ବାଜା ବାଜିବ ନାହିଁ, ବାଣ ଫୁଟିବ ନାହିଁ ଏବଂ ରୋଷଣୀ ନହେବ ସେ ଦିଗରେ ପୋଲିସ ତୀକ୍ଷ୍ଣ ନଜର ରଖିବାକୁ କୋର୍ଟ କହିଛନ୍ତି । ଯଦି କୌଣସି ସ୍ଥାନରେ ଏସବୁର ଉଲଂଘନ ହେଉଥିବା, ତେବେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ହୋଇଛି । କଟକ ସହର ସମସ୍ୟା ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଗୁରୁବାର କିଛି ଏଭଳି ନିର୍ଦ୍ଦେଶ ହାଇକୋର୍ଟ ଦେଇଛନ୍ତି । ଶୁଣାଣି ସମୟରେ କଟକ ଡିସିପି ଆଭାଷୀ ଜରିଆରେ କୋର୍ଟରେ ଉପସ୍ଥିତ ରହି ନିଜର ପକ୍ଷ ରଖିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗଡ଼ିଲାନି ଗାଡି...

କେନ୍ଦ୍ର ସରକାରଙ୍କର ୪ଟି ଲେବର କୋର୍ଡ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବୀ, ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନାର ପରିବର୍ତ୍ତନ, ବିଦ୍ୟୁତବିଲ୍ ୨୦୨୫, ବିହନ ବିଲ ୨୦୨୫, ଶାନ୍ତିବିଲ ୨୦୨୫, ପେନସନ ବିଲ ଓ ବୀମା ନିଯୁକ୍ତି, ୧୦୦ ପ୍ରତିଶତ ପ୍ରତ୍ୟେକ୍ଷ, ବିଦେଶୀ ପୁଞ୍ଜି ଲଗାଣ, ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ ଓ ଜିଏସ୍‌ଟି ଛାଡ, ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ମଜୁରୀ, ପୁରୁଣା ପେନସନ୍ ସ୍କିମ୍ ପ୍ରଚଳନ ଓ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଭୃତି ଜନ ବିରୋଧି ନିତି ବିରୋଧରେ ସର୍ବଭାରତୀୟ ଧର୍ମଘଟରେ ହଜାର ହଜାର ଶ୍ରମିକ ସ୍ଲୋଗାନ ଦେଇ ରେଳଷ୍ଟେସନ, ସିଟିବସଷ୍ଟାଣ୍ଡ, ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ଜାତୀୟ ରାଜପଥ, ଇନ୍ସ୍ୟୁରାନସ୍ କାର୍ଯ୍ୟାଳୟ ରାଜମହଲ ଛକ, ମାଷ୍ଟରକ୍ୟାଂଟିନ, ଏସବିଆଇ ଲୋକାଲ ହେଡ କାର୍ଯ୍ୟାଳୟ, ଶ୍ରମ କାର୍ଯ୍ୟାଳୟ, ବିଦ୍ୟୁତ କାର୍ଯ୍ୟାଳୟ, କଳ୍ପନା, ସାମନ୍ତରାପୁର, ଏୟାରପୋର୍ଟ ଛକ, ରସୁଲଗଡ, ନାଲକୋ ମୁଖ୍ୟ କାର୍ଯ୍ୟାଳୟ, ମଂଚେଶ୍ୱର ୱାର୍କ ସପ ସମ୍ମୁଖରେ ହରତାଳ କରାଯାଇଥିଲା। ଓଡ଼ିଶାରେ ଖୋର୍ଦ୍ଧା ଶିଳ୍ପାଂଚଳ, ରାଉରକେଲା, ପାରାଦ୍ୱିପ, ରାୟଗଡା, ଅନୁଗୁଳ, ସମ୍ବଲପୁର ୩୦ ଟି ଜିଲ୍ଲାରେ ପ୍ରାୟ ୧ କୋଟିରୁ ଅଧିକ ଶ୍ରମଜୀବୀ ଜନଗଣ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି ବୋଲି ଜଣାପଡ଼ିଛି। ଦିନ ୧୨ ସମୟରେ ଏକ ବିରାଟ ପଟୁଆର ମାଷ୍ଟର କ୍ୟାଂଟିନ ଠାରୁ ବାହାର ରାଜମହଲ ଛକ ଦେଇ ଗାନ୍ଧୀମାର୍ଗଠାରେ ପହଂଚିଲା ପରେ ବିଭିନ୍ନ ଶ୍ରମିକ ନେତା ଓ କର୍ମୀଙ୍କୁ ପୁଲସ ଗିରଫ କରିଥିଲା। ସର୍ବଶ୍ରୀ କିଶୋର ଜେନା, ମହେନ୍ଦ୍ର ପରିଡା, ଜ୍ୟୋତିରଞ୍ଜନ ମହାପାତ୍ର, ବି.ଏନ୍ ମହାପାତ୍ର, ସୁର ଜେନା ପ୍ରମୁଖ ଶ୍ରମିକ ନେତାଙ୍କୁ ପୁଲସ ଗିରଫ କରିଥିବା ଜଣାପଡିଛି। ଏହାକୁ ବିଭିନ୍ନ ଶ୍ରମିକ ସଂଗଠନ ମାନେ ନିନ୍ଦା କରିବା ସହିତ ତୁରନ୍ତ ଛାଡି ଦେବାକୁ ଦାବି କରିଛନ୍ତି।

ସେହିପରି କଟକ ସହରରେ ବନ୍ଦର ଆଂଶିକ ପ୍ରଭାବ ଅନୁଭୂତ ହୋଇଥିଲା । ଦୋକାନ ବଜାର, ସ୍କୁଲ କଲେଜ, ପେଟ୍ରୋଲ ପମ୍ପ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଆଦି ଖୋଲା ରହିଥିଲା । ରାସ୍ତାରେ ୨ଚକିଆ, ୪ ଚକିଆ ଓ ଅଟୋ ରିକ୍ସା ଚଳାଚଳ ଜାରି ରହିଥିଲା । ଅପର ପକ୍ଷରେ ବନ୍ଦ ଡାକରା ଯୋଗୁ ଘରୋଇ ବସ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଫଳରେ ଓଏମପି ଛକ, ଲିଙ୍କରୋଡ଼ ଓ ନେତାଜୀ ବସ ଟରମିନାଲରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅପର ପକ୍ଷରେ "ଆମ ବସ" ଚଳାଚଳ ସ୍ୱାଭାବିକ ଥିଲା। ଏହାଛଡ଼ା କଟକ ରେଳ ଷ୍ଟେସନରେ ରେଳ ଚଳାଚଳ ସାମାନ୍ୟ ଥିଲା । ସହରର କିଛି ସ୍ଥାନରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଜଗତପୁରଠାରେ ସିଆଇଟିୟୁର କର୍ମୀମାନେ ପିକେଟିଙ୍ଗ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନଥିଲା ।

ସହରର ବିଭିନ୍ନ ସ୍ଥାନରେ ଦିନ ମଜୁରିଆ ଓ ଶ୍ରମିକମାନେ ନିର୍ମାଣ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଥିଲା। ସହରର ଅଧିକାଂଶ ପେଟ୍ରୋଲପମ୍ପଗୁଡ଼ିକ ଖୋଲା ରହିଥିଲା । ସେହିପରି ସହରର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାର ଓ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ମାଲଗୋଦାମ ମଧ୍ୟ ଖୋଲା ରହିଥିଲା । ତେବେ ସହରର କେତେକ ବଡ଼ ବଡ଼ ମହଲଗୁଡ଼ିକ ବନ୍ଦ ରହିଥିଲା। ଅପର ପକ୍ଷରେ ଛୋଟ ଓ ମଧ୍ୟମ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ଖୋଲା ରହିଥିଲା । ଏହାଛଡ଼ା ସହରର ବିଭିନ୍ନ ଅଂଚଳରେ ଥିବା ପରିବା ମାର୍କେଟ ଓ ତେଜରାତି ଦୋକାନଗୁଡ଼ିକରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥିଲା । ଏହାଛଡ଼ା ସହରର ଅଧିକାଂଶ ସ୍କୁଲ ଓ କଲେଜଗୁଡ଼ିକ ଖୋଲା ରହିଥିବା ପରିଲକ୍ଷିତ ହୋଇଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସହରର ସମସ୍ତ ଛକ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ମୋଟାମୋଟି ଭାବରେ ସହରରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। କଟକରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା।

### ବନ୍ଦ ବେଳେ...

ଚୌକି ପକାଇ ଏହାକୁ ଅବରୋଧ କରିଥିବା ବେଳେ ଅନେକ ଗାଡି ଅଟକି ରହିଥିଲେ। ପୁଲିସ୍ କର୍ମଚାରୀଙ୍କୁ ନେଇ ଯାଉଥିବା ବସଟି ମଧ୍ୟ ଅଟକି ଥିଲା। କିନ୍ତୁ ହଠାତ୍ ବସଟି ଗଡିବାକୁ ଆରମ୍ଭ କରିଥିଲା। ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ ଅଘଟଣ ଟଳି ଯାଇଥିଲା। ଏହି ଘଟଣାକୁ ନେଇ ବସଟିର ଫିଟ୍‌ନେସ୍ ଯାଞ୍ଚ କରାଯାଇଥିଲା କି ନାହିଁ, ତା'ଉପରେ ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ।

### ଦଲାଲ ହେବେ...

ଠକାମୀ ଉପାୟରେ ଜମି କିଣା ବିକା କଲେ ସଙ୍ଗେ ସଙ୍ଗେ ତହସିଲଦାର ଓ ଆରଆଇଙ୍କ ପାଖକୁ ଖବର ଯିବ।

ସେହିପରି ରାଜସ୍ୱ ମନ୍ତ୍ରୀ କୋଟିଆ ପ୍ରସଙ୍ଗରେ ଆନ୍ଧ୍ରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ, ଆର୍ଥିକ ଦୃଷ୍ଟିରୁ ଆନ୍ଧ୍ର ଖରାପ ରାଜ୍ୟ। ବଜେଟ୍ ପାଇଁ ପଇସା ନାହିଁ। ନିଜ ରାଜ୍ୟର ବିକାଶ ଛାଡି ଓଡିଶାର ଖଣ୍ଡେ ଦୁଇଟା ଗାଁ ପାଇଁ ଲାଗିବା ଉଦ୍ଦେଶ୍ୟ କଣ ? ଅନ୍ୟ ରାଜ୍ୟର ସୀମା ଭିତରେ ପଶିବାର ଉଦ୍ଦେଶ୍ୟ କଣ ? ଏବେ ଆଗ ଭଳି ବିନା ବାଧାରେ ପଶି ଆସିବା ବନ୍ଦ ହୋଇଛି।

### ବିଲ୍ଡରଙ୍କୁ ସୁରକ୍ଷା...

ପାଇଁ ଥିଲା ? ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ, 'ଏହି ସଂସ୍ଥା କେବଳ ଋଣ ଖିଲାପକାରୀ ବିଲ୍ଡରମାନଙ୍କୁ ସୁବିଧା ଯୋଗାଇବା ବ୍ୟତୀତ ଆଉ କିଛି କରୁନାହିଁ । ଏପରି ପରିସ୍ଥିତିରେ, ଏହି ସଂସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଭଲ ହେବ ।'

ହିମାଚଳ ପ୍ରଦେଶର ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କ କ୍ଷୁବ୍ଧ ହୋଇଥିଲେ । ହିମାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ରାଜ୍ୟର ରେରା କାର୍ଯ୍ୟାଳୟକୁ ଶିମଲାରୁ ଧର୍ମଶାଳାକୁ ସ୍ଥାନାନ୍ତର କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିବାର ନିଷ୍ପତ୍ତି ସହିତ ବିବାଦ ଜଡିତ। ଏହି ନିଷ୍ପତ୍ତି ବିରୁଦ୍ଧରେ ଏକ ଆବେଦନ ଦାଖଲ କରାଯାଇଥିଲା ଏବଂ ମାମଲା ହିମାଚଳ ପ୍ରଦେଶ ହାଇକୋର୍ଟରେ ପହଞ୍ଚିଥିଲା ।

ଗତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ ରହିତାଦେଶ ଲଗାଇଥିଲେ । ହାଇକୋର୍ଟ କହିଥିଲେ ଯେ ସରକାର ବିକଳ୍ପ ସ୍ଥାନ ଚିହ୍ନଟ ନକରି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି । ଆଦେଶରେ ହାଇକୋର୍ଟ ଏହା ମଧ୍ୟ କହିଥିଲେ ଯେ ୧୮ ଜଣ ଆଉଟସୋର୍ସିଂ କର୍ମଚାରୀଙ୍କୁ ଅନ୍ୟ ବୋର୍ଡ ଏବଂ କର୍ପୋରେସନକୁ ସ୍ଥାନାନ୍ତର ପ୍ରସ୍ତାବିତ ରେରାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ବାଧା ଦେବ । ଏହି ଯୁକ୍ତିଗୁଡ଼ିକୁ ଆଧାର କରି ହାଇକୋର୍ଟ ୧୩ ଜୁନ୍ ୨୦୨୫ର ବିଜ୍ଞପ୍ତି ଉପରେ ସ୍ଥଗିତାଦେଶ ଜାରି କରିଥିଲେ ।

ଗୁରୁବାର ସୁପ୍ରିମକୋର୍ଟ ହାଇକୋର୍ଟର ନିଷ୍ପତ୍ତିକୁ ରଦ୍ଦ କରି ରାଜ୍ୟ ସରକାରଙ୍କୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ସୁପ୍ରିମକୋର୍ଟ ରାଜ୍ୟକୁ ରେରା କାର୍ଯ୍ୟାଳୟକୁ ଶିମଲାରୁ ଧର୍ମଶାଳାକୁ ସ୍ଥାନାନ୍ତର କରିବାକୁ ଅନୁମତି ଦେଇଛନ୍ତି । ତେବେ, ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଏହି ପ୍ରକ୍ରିୟା ସାଧାରଣ ଜନତା କିମ୍ବା ରେରାର ନିର୍ଦ୍ଦେଶ ଦ୍ୱାରା ପ୍ରଭାବିତ ଲୋକଙ୍କ ପାଇଁ କୌଣସି ଅସୁବିଧା ସୃଷ୍ଟି କରିବ ନାହିଁ ।

### ୧ଲକ୍ଷ ୬ହଜାର...

ଉତ୍ତୀର୍ଣ୍ଣ ହୋଇଛନ୍ତି । କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ ରେ ସେମାନଙ୍କ ଫଳ ଜାଣିପାରିବେ । ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀମାନେ ଆଜି ଅପରାହ୍ନ ୪ଟା ପରଠାରୁ ଆବଶ୍ୟକ ଫି ଦେଇ ଏହି ୱେବସାଇଟରୁ ସେମାନଙ୍କ ଡିଜିଟାଇଜଡ୍ ସାର୍ଟିଫିକେଟ ଡାଉନଲୋଡ଼ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଯେଉଁମାନେ କୃତକାର୍ଯ୍ୟ ହୋଇପାରିନାହାନ୍ତି, ସେମାନେ ସେମାନଙ୍କ ଓଏମଆର ଉତ୍ତରକପି ଏହି ୱେବସାଇଟରୁ ଡାଉନଲୋଡ଼ କରିପାରିବେ । ଆସନ୍ତା ୧୮ ତାରିଖ ଅପରାହ୍ନ ୪ଟା ମଧ୍ୟରେ ଏହି ସୁବିଧା ଉପଲବ୍ଧ ମିଳିପାରିବ ବୋଲି ବୋର୍ଡ଼ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦିଆଯାଇଛି ।

ସେହିପରି ଓଟିଇଟି-୨୦୨୬ ପରୀକ୍ଷା ପାଇଁ ଆଜି ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମେ ମାସ ତୃତୀୟ ସପ୍ତାହରେ ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ ଆବେଦନ କରିବା ପାଇଁ ଖୁବଶୀଘ୍ର ତାରିଖ ପ୍ରକାଶ ପାଇବ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି ।

### ବେଧଡକ ଚାଲିଛି...

ପ୍ରଦୂଷିତ ହେବା ସହ ଲୋକଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି । ଏପରିକି ଉପକୂଳ ଅଂଚଳରେ ରାତିରେ ଅନ୍ୟତ୍ର ଥଣ୍ଡା ପବନ ପ୍ରବାହିତ ହେଉଥିବା ସମୟରେ ବ୍ରାହ୍ମଣୀନଦୀ ପଠାରେ ଗଢି ଉଠିଥିବା ଏହି ଇଟାଭାଟି ଯୋଗୁଁ ଅତ୍ୟଧିକ ବାୟୁ ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି । ଏହି ଇଟାଭାଟିଗୁଡିକ ଦିନରାତି ଜଳୁଥିବାରୁ ରାଜନଗର ବ୍ଲକର ଉପରୋକ୍ତ ଗ୍ରାମଗୁଡିକ ସହିତ ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର, ଡାମରପୁର ପ୍ରଭୃତି ଗାଁ ସହ ଆଳି ବ୍ଲକର କେତେକ ଗ୍ରାମର ଲୋକମାନେ ବହୁ ପରିମାଣରେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛନ୍ତି । ରାଜସ୍ୱ ବିଭାଗର ଅଧିକାରୀ, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ନାଁକୁ ମାତ୍ର ତଦନ୍ତ କରି ଫେରିଆସୁଥିବା ଅଭିଯୋଗ ହେଉଛି । ସରକାର ବେଆଇନ ଇଟାଭାଟି ଉପରେ କଟକଣା ଜାରୀ କରିଥିବା ବେଳେ ପ୍ରଶାସନ ଏହାକୁ ବନ୍ଦ ନକରିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଏସଂପର୍କରେ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ବେଆଇନ ଇଟାଭାଟି ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି।

### ଅଗ୍ନିବିପନ୍ନଙ୍କୁ ଅବସର...

ସଭାପତି ଡ଼ ଉପେନ୍ଦ୍ର ନାଥ ପ୍ରଧାନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସଂଘର ସାଂଗଠନିକ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, କୋଷାଧକ୍ଷ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଡ଼ ଚୈତନ୍ୟ ଚରଣ ପରିଡା,ଶ୍ରୀ ନିବାସ ପରିଡା, ନୃସିଂହ ଚରଣ ତ୍ରିପାଠୀ, ବିକ୍ରମ କିଶୋର ଦାସ, ପଣ୍ଡିତ ଅବଧୂତ ରାଉତ, କାର୍ଯ୍ୟକାରୀ ସଭାପତି ଡ଼ ଦିଲ୍ଲୀପ କୁମାର ମିଶ୍ର, ଧୀରେନ କୁମାର ବେହେରା, ଶରତ କୁମାର ରାଉତ ଉପସ୍ଥିତ ଥିଲେ ।

### କଖାରୁଣୀ ସ୍କୁଲରେ...

ଶ୍ରୀକାନ୍ତ ପରିଡା ଉପସଭାପତି ସୁଶୀଳା ପ୍ରଧାନ ଓ ପରିଚାଳନା କମିଟି ସଦସ୍ୟା ମାନସୀ ମଳିକ ରେବତୀ ପ୍ରଧାନ ଓ କଳ୍ପନା ମଳିକ ପ୍ରମୁଖ ଧାରଣା ଦେଇ ଅବିଳମ୍ବେ ଶିକ୍ଷକ ନିଯୁକ୍ତି ପାଇଁ ଅଡ଼ି ବସି ଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ଜିଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରି ୨ଜଣ ଶିକ୍ଷକଙ୍କ ନିଯୁକ୍ତି ପତ୍ର ପଠାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

# ଅରବିନ୍ଦଙ୍କୁ ସସ୍‌ପେଣ୍ଡ କରି ବ୍ୟାକ୍ ଫୁଟ୍‌ରେ ବିଜେଡ଼ି ମୁକୁଳିବାକୁ ୧୪ରେ ସମାବେଶ

**ଡେରାବିଶ,୧୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିନା ମେଘରେ ବଜ୍ରପାତ ଭଳି ହଠାତ୍ ଦଳରୁ ସସ୍‌ପେଣ୍ଡ କରିବା ପରେ ଅରବିନ୍ଦଙ୍କ ପ୍ରତି କେବଳ ପାଟକୁରା ନୁହେଁ ସମଗ୍ର ରାଜ୍ୟର ରାଜନୀତି ସଚେତନ ମହଲରେ ଅନୁକମ୍ପା ଓ ନୈତିକ ସମର୍ଥନ ବୃଦ୍ଧି ପାଇଛି । ନବୀନଙ୍କ ଏକଛତ୍ରବାଦୀ ଓ ମନମୁଖି କାର୍ଯ୍ୟକଳାପକୁ ବୁଦ୍ଧିଜୀବି ମହଲରେ ମଧ୍ୟ ନାପସନ୍ଦ କରାଯାଉଛି । ଅନ୍ୟପକ୍ଷରେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଅରବିନ୍ଦ ସସ୍‌ପେଣ୍ଡର କାରଣ ପଚାରି ଚାଲିଥିବାବେଳେ ବିଜେଡ଼ି ଜବାବଶୂନ୍ୟ ହୋଇ ପଡ଼ିଛି । ସସ୍‌ପେଣ୍ଡ ପରେ ପରେ ଅରବିନ୍ଦଙ୍କ ବିରୋଧରେ ଦଳ ପକ୍ଷରୁ ଯେଉଁ ଅଭିଯୋଗମାନ ଆଗତ କରାଯାଇଥିଲା ସେସବୁ ଯେ ମନଗଢା ଓ ଭିତ୍ତିହୀନ ତାହା ଅନ୍ୟ କେହି ନୁହଁନ୍ତି ଖୋଦ୍ ପାଟକୁରାର ବିଜେଡ଼ି କର୍ମୀ ଓ ଅନୁଗତ ମାନେ ତା'ର ପ୍ରମାଣ ଦେଇସାରିଛନ୍ତି । ଯାହାକୁ ନେଇ ବିଜେଡ଼ି ବ୍ୟାକ୍‌ଫୁଟ୍ ରେ ପଡ଼ିଯାଇଛି । ଏଥିରୁ ମୁକୁଳିବା ପାଇଁ ବିଜେଡ଼ି ଆସନ୍ତା ୧୪ତାରିଖ ରେ ପାଟକୁରା ନିର୍ବାଚନ ମଣ୍ଡଳୀର ଡେ଼ରାବିଶ ବ୍ଲକ୍ ଅନ୍ତର୍ଗତ ପଲେଇ ଡ଼ଗର ପଡ଼ିଆରେ ଏକ ସମାବେଶର ଆୟୋଜନ କରିବାକୁ ଲାଗିପଡ଼ିଛି । ଗତ ସାଧାରଣ ନିର୍ବାଚନରେ ଦଳର ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ଭିତରେ ଭିତରେ ବିରୋଧ କରି ବିଜେପିକୁ ସମର୍ଥନ କରିଥିବା କିଛି ଦଳୀୟ କର୍ମୀଙ୍କୁ ଅସ୍ତ୍ର କରି କୌଣସି ମତେ ନିର୍ବାଚନ ମଣ୍ଡଳୀ ଅଂଚଳରୁ କିଛି ଲୋକ ଯୋଗାଡ଼ କରିବାକୁ ଉଦ୍ୟମ ଜୋରଦାର କରାଯାଇଛି । ଏଥିସହିତ ଜିଲ୍ଲାର ଅନ୍ୟ ସବୁ ଗୁଡ଼ିକ ନିର୍ବାଚନ ମଣ୍ଡଳୀରୁ ଲୋକ ଆଣିବା ପାଇଁ ସଂପୃକ୍ତ ନେତାମାନଙ୍କ ଉପରେ ଅଘୋଷିତ ହୁଇପ୍ ଜାରି କରାଯାଇଛି । କେବଳ ସେତିକି ନୁହେଁ ପାଖ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ଦଳୀୟ କର୍ମୀଙ୍କୁ ବୋହିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଦଳ ଏକ ବଡ଼ ବଜେଟ୍ ନେଇ ଆଗକୁ ବାହାରିଛି ବୋଲି ରାଜନୀତି ତଥ୍ୟାଭିଜ୍ଞ ରେ ଆଲୋଚିତ ହେଉଛି । ତେବେ ଏହି ମହଲରେ କୁହାଯାଇଛିଯେ,ବିଜେଡ଼ିର ପ୍ରସ୍ତାବିତ ଉକ୍ତ ସମାବେଶର ଆଉଟପୁଟ୍ ଜିରୋ ହିଁ ହେବ । ବିଜେଡ଼ି ସୁପ୍ରିମୋ ପାଟକୁରାକୁ ଖୁବ୍‌ଶୀଘ୍ର ଜଣେ ନୂଆ ମୁଖିଆ ପଠାଇବେ ବୋଲି ଏକ ପ୍ରାୟୋଜିତ କାର୍ଯ୍ୟକ୍ରମରେ ଘୋଷଣା କରିଥିଲେ ମଧ୍ୟ ଏଯାଏ କାହାକୁ ମୁଖିଆ କରି ପଠାଇ ନାହାଁନ୍ତି । ମୁଖିଆ ସାଜିବାକୁ ଅନ୍ୟୁନ୍ ୫ଜଣ ନେତା ଯେପରି ଜଗି ବସିଛନ୍ତି ସେଥିରେ ଯିଏ ହେବ ଅନ୍ୟ ୪ଜଣ ତା'ପରଦିନ ଠାରୁ ତାଙ୍କୁ ବିରୋଧ କରିବା ଆରମ୍ଭ କରିବା ଥୟ । କାରଣ ଆଉ କ୍ଷମତା ନାହିଁ ଯେ ଯାହାକୁ ଥାପି ଦେଲେ ସମସ୍ତେ ଭୟରେ ହେଉ କି ନିଜର ରେଜଗାର କମିଯିବା ଭୟରେ ଚୁପ୍ ହୋଇ ବସିଯିବେ । ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି କ୍ଷମତା ଓ ବିଧାୟକଙ୍କ ବ୍ୟତିରକେ ବିଜେଡ଼ି ସଂଗଠନ ଆଗକୁ ପାଟକୁରାରେ ଭାଙ୍ଗିଭାଙ୍ଗି ଖପରା ହେବା ପ୍ରାୟ ନିଶ୍ଚିତ । ସବୁଠାରୁ ବଡ଼ କଥା ହେଲା ସାଧାରଣ ଲୋକଙ୍କ ଭିତରେ ବିଧାୟକଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଇଛି । ପଲେଇ ଡ଼ଗରପଡ଼ିଆ ରେ ସମାବେଶଟିଏ କରି ଦେଇ ବିଜେଡ଼ି ବିଧାୟକଙ୍କ ପ୍ରତି ବଢୁଥିବା ଜନସମର୍ଥନକୁ ପ୍ରତିହତ କରିବାକୁ ସମର୍ଥ ହେଉଛି କି ଏହାଦ୍ୱାରା ଆଗାମୀ ପଂଚାୟତ ନିର୍ବାଚନରେ ସଫା ହୋଇଯିବାକୁ ରାସ୍ତା ସଫା ତିଆରି କରୁଛି ତାହା ସମୟ କହିବ ବୋଲି ମତପ୍ରକାଶ ପାଇଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ